## ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା ଗୁଡ଼ିକ 28027 / 2023, 28895 / 2023, 29196 / 2023, 29736 / 2023, 29766 / 2023, 29933 / 2023, 30099 / 2023, 30713 / 2023, 30853 / 2023, 30970 / 2023, 31005 / 2023, 31010 / 2023, 31013 / 2023, 31015 / 2023, 31605 / 2023, 32607 / 2023, 32785 / 2023, 32952 / 2023, 33495 / 2023, 34246 / 2023, 34588 / 2023, 35027 / 2023, 35412 / 2023, 35684 / 2023, 36296 / 2023, 36298 / 2023, 36745 / 2023, 36746 / 2023, 37494 / 2023, 37495 / 2023, 37496 / 2023, 37681 / 2023, 37700 / 2023, 37710 / 2023, 38055 / 2023, 38102 / 2023, 38317 / 2023, 39304 / 2023, 40589 / 2023, 41505 / 2023 ଏବଂ 39592 / 2023**

(ଭାରତର ସମ୍ବିଧାନର ଧାରା 226 ଏବଂ 227 ଅନୁଯାୟୀ ଏକ ଆବେଦନ ପ୍ରସଙ୍ଗରେ)

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 28027 / 2023 ରେ**

*ନାଗେନ୍ଦ୍ର କୁମାର ସିଙ୍ଘା ଏବଂ ଅନ୍ୟମାନେ* .... *ଆବେଦନକାରୀମାନେ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା(ମାନେ):-

---

ଆବେଦନକାରୀଙ୍କ ପାଇଁ : ଶ୍ରୀ ପି. ଆଚାର୍ଯ୍ୟ, ବରିଷ୍ଠ ଅଧିବକ୍ତା

ପ୍ରତିପକ୍ଷମାନଙ୍କ ପାଇଁ : ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ. ଜି. ଏ.

---

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 28895 / 2023 ରେ**

*ଦେବ କୁମାର ଡେ ଏବଂ ଅନ୍ୟମାନେ* .... *ଆବେଦନକାରୀମାନେ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା(ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏ. ପଟ୍ଟନାୟକ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 29196 / 2023 ରେ**

*ରବିନାରାୟଣ ପ୍ରଧାନ ଏବଂ ଅନ୍ୟମାନେ* **....** *ଆବେଦନକାରୀମାନେ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା(ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀ ପି. ଆଚାର୍ଯ୍ୟ, ବରିଷ୍ଠ ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 29736 / 2023 ରେ**

*ଜ୍ୟୋସ୍ନା ରାଣୀ ବେହେରା ଏବଂ ଅନ୍ୟମାନେ* .... *ଆବେଦନକାରୀମାନେ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ ):-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏ. ଆର୍. ପଣ୍ଡା, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି. ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 29766 / 2023 ରେ**

*ବ୍ରଜେନ୍ଦ୍ର କୁମାର ପଣ୍ଡା ଏବଂ ଅନ୍ୟମାନେ* .... *ଆବେଦନକାରୀମାନେ*

HIGH COURT ORISSA सत्यमेव जयते

*-ବନାମ-*

| | | |
|---|---|---|
| ***ଓଡିଶା ରାଜ୍ୟ ଏବଂ ଅନ୍ୟମାନେ*** | **....** | ***ପ୍ରତିପକ୍ଷମାନେ*** |

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା(ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ କେ. ରଥ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 29933 / 2023 ରେ**

| | | |
|---|---|---|
| ***ଚିତ୍ତ ରଞ୍ଜନ ପ୍ରଧାନ*** | .... | ***ଆବେଦନକାରୀ*** |

*-ବନାମ-*

| | | |
|---|---|---|
| ***ଓଡିଶା ରାଜ୍ୟ ଏବଂ ଅନ୍ୟମାନେ*** | **....** | ***ପ୍ରତିପକ୍ଷମାନେ*** |

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା(ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. କେ. ଦଳାଇ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

HIGH COURT ORISSA सत्यमेव जयते

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 30099 / 2023 ରେ**

| | | |
|---|---|---|
| ***ସୁଲୋଚନା ମଲ୍ଲିକ*** | .... | ***ଆବେଦନକାରୀ*** |

*-ବନାମ-*

| | | |
|---|---|---|
| ***ଓଡିଶା ରାଜ୍ୟ ଏବଂ ଅନ୍ୟମାନେ*** | **....** | ***ପ୍ରତିପକ୍ଷମାନେ*** |

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା(ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଜି. କେ. ରଥ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡବ୍ଲ୍ୟୁ.ପି.(ସି) ସଂଖ୍ୟା 30713 / 2023 ରେ</u>**

| | | |
|---|---|---|
| *ପ୍ରଦୀପ କୁମାର ବଳ ଏବଂ ଅନ୍ୟମାନେ* | .... | *ଆବେଦନକାରୀମାନେ* |

*-ବନାମ-*

| | | |
|---|---|---|
| *ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* | **....** | *ପ୍ରତିପକ୍ଷମାନେ* |

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା(ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ସି. ଆର. ପଟ୍ଟନାୟକ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡବ୍ଲ୍ୟୁ.ପି.(ସି) ସଂଖ୍ୟା 30853 / 2023 ରେ</u>**

| | | |
|---|---|---|
| *କେଦାର ସାହୁ ଏବଂ ଅନ୍ୟମାନେ* | .... | *ଆବେଦନକାରୀମାନେ* |

*-ବନାମ-*

| | | |
|---|---|---|
| *ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* | **....** | *ପ୍ରତିପକ୍ଷମାନେ* |

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା(ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଜେ. କେ. ମାଝୀ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡବ୍ଲ୍ୟୁ.ପି.(ସି) ସଂଖ୍ୟା 30970 / 2023 ରେ</u>**

| | | |
|---|---|---|
| *ବିଭୂତି ଭୂଷଣ ନାଥ ଏବଂ ଅନ୍ୟମାନେ* | .... | *ଆବେଦନକାରୀମାନେ* |

*-ବନାମ-*

| | | |
|---|---|---|
| *ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* | **....** | *ପ୍ରତିପକ୍ଷମାନେ* |

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା(ମାନେ) :-

HIGH COURT ORISSA सत्यमेव जयते

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏ. ପଟ୍ଟନାୟକ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 31005 / 2023 ରେ**

*ଜସୋମତି ବେହେରା* .... *ଆବେଦନକାରୀ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା(ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏ. ମିଶ୍ର, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 31010 / 2023 ରେ**

*ଅମିତ କୁମାର ନାୟକ* .... *ଆବେଦନକାରୀ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏ. ମିଶ୍ର, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 31013 / 2023 ରେ**

*ଗୀତାଞ୍ଜଳି ସେଠୀ* .... *ଆବେଦନକାରୀ*

*- ବନାମ -*

HIGH COURT ORISSA
सत्यमेव जयते

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **….** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏ. ମିଶ୍ର, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 31015 / 2023 ରେ**

*ଦୁର୍ଯ୍ୟୋଧନ ମହାନ୍ତି* …. *ଆବେଦନକାରୀ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **….** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏ. ମିଶ୍ର, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 31605 / 2023 ରେ**

*ଅଜୟ କୁମାର ସାମଲ ଏବଂ ଅନ୍ୟମାନେ* …. *ଆବେଦନକାରୀମାନେ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **….** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏ. ପଟ୍ଟନାୟକ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 32607 / 2023 ରେ**

HIGH COURT
ସତ୍ୟମେବ ଜୟତେ
ORISSA

*ବ୍ରଜେନ୍ଦ୍ର କୁମାର ପଣ୍ଡା* .... *ଆବେଦନକାରୀ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀ ପି. ଆଚାର୍ଯ୍ୟ, ବରିଷ୍ଠ ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 32785 / 2023 ରେ**

*ନିରୁପମା ନାୟକ ଏବଂ ଅନ୍ୟମାନେ* .... *ଆବେଦନକାରୀମାନେ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏମ୍. ଆର୍. ନାୟକ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

HIGH COURT
सत्यमेव जयते
ORISSA

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 32952 / 2023 ରେ**

*ଜିତେନ୍ଦ୍ର ସ୍ୱାଇଁ ଏବଂ ଅନ୍ୟମାନେ* .... *ଆବେଦନକାରୀମାନେ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଡି. ଆର. ମହାପାତ୍ର, ଅଧିବକ୍ତା |

| | | |
|---|---|---|
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡ୍ବ୍ଲ୍ୟୁ.ପି.(ସି) ସଂଖ୍ୟା 33495 / 2023 ରେ</u>**

*ଲିପିକା ମଲ୍ଲିକ* .... *ଆବେଦନକାରୀ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏ. ମିଶ୍ର, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡ୍ବ୍ଲ୍ୟୁ.ପି.(ସି) ସଂଖ୍ୟା 34246 / 2023 ରେ</u>**

*ଅନ୍ତର୍ଯାମୀ ପତି ଏବଂ ଅନ୍ୟମାନେ* .... *ଆବେଦନକାରୀମାନେ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଜେ. କେ. ମହାପାତ୍ର, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡ୍ବ୍ଲ୍ୟୁ.ପି.(ସି) ସଂଖ୍ୟା 34588 / 2023 ରେ</u>**

*ବିଜୟ କୁମାର ଦଳବେହେରା* .... *ଆବେଦନକାରୀ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

HIGH COURT ORISSA
सत्यमेव जयते

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ପି. କେ. ମିଶ୍ର, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 35027 / 2023 ରେ**

*ଜ୍ୟୋସ୍ନା ରାଣୀ ଦାସ ଏବଂ ଅନ୍ୟମାନେ* .... *ଆବେଦନକାରୀମାନେ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏ. କେ. ରାଉତ୍, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 35412 / 2023 ରେ**

*ମହେନ୍ଦ୍ର କୁମାର ମହାପାତ୍ର ଏବଂ ଅନ୍ୟ ଜଣେ* .... *ଆବେଦନକାରୀମାନେ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଜି. କେ. ରଥ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 35684 / 2023 ରେ**

*ସସ୍ମିତା ମାଝୀ ଏବଂ ଅନ୍ୟମାନେ* .... *ଆବେଦନକାରୀମାନେ*

HIGH COURT ORISSA सत्यमेव जयते

*- ବନାମ -*

***ଓଡିଶା ରାଜ୍ୟ ଏବଂ ଅନ୍ୟମାନେ*** **....** ***ପ୍ରତିପକ୍ଷମାନେ***

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀ ବି. ମହାପାତ୍ର, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 36296 / 2023 ରେ**

***ଅମରେନ୍ଦ୍ର ରଣସିଂ*** .... ***ଆବେଦନକାରୀ***

*- ବନାମ -*

***ଓଡିଶା ରାଜ୍ୟ ଏବଂ ଅନ୍ୟମାନେ*** **....** ***ପ୍ରତିପକ୍ଷମାନେ***

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. କେ. ଦଳାଇ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

HIGH COURT
सत्यमेव जयते
ORISSA

**ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 36298 / 2023 ରେ**

***ଗାଲୁଆ ଜି. ପି. ଏବଂ ଅନ୍ୟମାନେ*** .... ***ଆବେଦନକାରୀମାନେ***

*- ବନାମ -*

***ଓଡିଶା ରାଜ୍ୟ ଏବଂ ଅନ୍ୟମାନେ*** **....** ***ପ୍ରତିପକ୍ଷମାନେ***

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. କେ. ଦଳାଇ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 36745 / 2023 ରେ</u>**

***ସୋରନ ଗ୍ରାମ ପଞ୍ଚାୟତ ଏବଂ ଅନ୍ୟମାନେ ....*** ***ଆବେଦନକାରୀମାନେ***

*- ବନାମ -*

***ଓଡିଶା ରାଜ୍ୟ ଏବଂ ଅନ୍ୟମାନେ ....*** ***ପ୍ରତିପକ୍ଷମାନେ***

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. କେ. ଦଳାଇ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 36746 / 2023 ରେ</u>**

***ଜ୍ୟୋସ୍ନା ବେହେରା ....*** ***ଆବେଦନକାରୀ***

*- ବନାମ -*

***ଓଡିଶା ରାଜ୍ୟ ଏବଂ ଅନ୍ୟମାନେ ....*** ***ପ୍ରତିପକ୍ଷମାନେ***

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. କେ. ଦଳାଇ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 37494 / 2023 ରେ</u>**

*ମଳୟ କୁମାର ଜେନା ଏବଂ ଅନ୍ୟମାନେ ....* ***ଆବେଦନକାରୀମାନେ***

*- ବନାମ -*

***ଓଡିଶା ରାଜ୍ୟ ଏବଂ ଅନ୍ୟମାନେ ....*** ***ପ୍ରତିପକ୍ଷମାନେ***

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

HIGH COURT ORISSA

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ପି. ପି. ବେହେରା, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ୍ବ୍ଲ୍ୟୁ.ପି.(ସି) ସଂଖ୍ୟା 37495 / 2023 ରେ**

***କାମଦେବ ରାଉତର ଏବଂ ଅନ୍ୟମାନେ*** .... ***ଆବେଦନକାରୀମାନେ***

*- ବନାମ -*

***ଓଡିଶା ରାଜ୍ୟ ଏବଂ ଅନ୍ୟମାନେ*** **....** ***ପ୍ରତିପକ୍ଷମାନେ***

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ପି. ପି. ବେହେରା, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ୍ବ୍ଲ୍ୟୁ.ପି.(ସି) ସଂଖ୍ୟା 37496 / 2023 ରେ**

*ସଂଜୁକ୍ତା ମହାରଣା ଏବଂ ଅନ୍ୟ ଜଣେ* .... ***ଆବେଦନକାରୀମାନେ***

*- ବନାମ -*

***ଓଡିଶା ରାଜ୍ୟ ଏବଂ ଅନ୍ୟମାନେ*** **....** ***ପ୍ରତିପକ୍ଷମାନେ***

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ପି. ପି. ବେହେରା, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ଡ୍ବ୍ଲ୍ୟୁ.ପି.(ସି) ସଂଖ୍ୟା 37681 / 2023 ରେ**

***ଗଣେଶ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ*** .... ***ଆବେଦନକାରୀମାନେ***

*- ବନାମ -*

HIGH COURT ORISSA
सत्यमेव जयते

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **….** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ୍. ସେନାପତି, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡବ୍ଲ୍ୟୁ.ପି.(ସି) ସଂଖ୍ୟା 37700 / 2023 ରେ</u>**

*ପାର୍ଥ ବେହେରା ଏବଂ ଅନ୍ୟମାନେ* …. *ଆବେଦନକାରୀମାନେ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **….** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ୍. ପଟ୍ଟନାୟକ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

HIGH COURT ORISSA सत्यमेव जयते

**<u>ଡବ୍ଲ୍ୟୁ.ପି.(ସି) ସଂଖ୍ୟା 37710 / 2023 ରେ</u>**

*ମାଗି ବେହେରା* …. *ଆବେଦନକାରୀ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **….** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ପି. କେ. ମିଶ୍ର, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡବ୍ଲ୍ୟୁ.ପି.(ସି) ସଂଖ୍ୟା 38055 / 2023 ରେ</u>**

*ବଡଝରା ଗ୍ରାମ ପଞ୍ଚାୟତ* .... *ଆବେଦନକାରୀ*

*-ବନାମ-*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ପି. ଏସ୍. ନାୟକ, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 38102 / 2023 ରେ</u>**

*ରୁକିଆ ପରବିନ୍ ଏବଂ ଅନ୍ୟମାନେ* .... *ଆବେଦନକାରୀମାନେ*

*-ବନାମ-*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀ ପି. ଆଚାର୍ଯ୍ୟ, ବରିଷ୍ଠ ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

HIGH COURT
सत्यमेव जयते
ORISSA

**<u>ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 38317 / 2023 ରେ</u>**

*ଜୟପୁରା କାଟେନି ଗ୍ରାମ ପଞ୍ଚାୟତ* .... *ଆବେଦନକାରୀ*

*-ବନାମ-*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ପି. ଏସ୍. ନାୟକ, ଅଧିବକ୍ତା |

| | | |
|---|---|---|
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡ୍ବ୍ଲ୍ୟୁ.ପି.(ସି) ସଂଖ୍ୟା 39304 / 2023 ରେ</u>**

*ବିରଞ୍ଚି କୁମାର ଦଳପତି ଏବଂ ଅନ୍ୟମାନେ* .... *ଆବେଦନକାରୀମାନେ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ପି. କେ. ମିଶ୍ର, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡ୍ବ୍ଲ୍ୟୁ.ପି.(ସି) ସଂଖ୍ୟା 40589 / 2023 ରେ</u>**

*ଜୟନ୍ତ କୁମାର ସିଂହ ଏବଂ ଅନ୍ୟମାନେ* .... *ଆବେଦନକାରୀମାନେ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

HIGH COURT ORISSA सत्यमेव जयते

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ୍. ସେନାପତି, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡ୍ବ୍ଲ୍ୟୁ.ପି.(ସି) ସଂଖ୍ୟା 41505 / 2023 ରେ</u>**

*ସସ୍ମିତା ଭୋଇ* .... *ଆବେଦନକାରୀ*

*- ବନାମ -*

*ଓଡିଶା ରାଜ୍ୟ ଏବଂ ଅନ୍ୟମାନେ* **....** *ପ୍ରତିପକ୍ଷମାନେ*

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ପି. କେ. ମିଶ୍ର, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**<u>ଡ଼ବ୍ଲ୍ୟୁ.ପି.(ସି) ସଂଖ୍ୟା 39592 / 2023 ରେ</u>**

***ଶଶୀକାନ୍ତ ଦୁଦୁକା ଏବଂ ଅନ୍ୟମାନେ*** .... ***ଆବେଦନକାରୀମାନେ***

*-ବନାମ-*

***ଓଡିଶା ରାଜ୍ୟ ଏବଂ ଅନ୍ୟମାନେ*** **....** ***ପ୍ରତିପକ୍ଷମାନେ***

ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା (ମାନେ) :-

| | | |
|---|---|---|
| ଆବେଦନକାରୀଙ୍କ ପାଇଁ | : | ଶ୍ରୀଯୁକ୍ତ ଏ. କେ. ରାଉତ୍, ଅଧିବକ୍ତା |
| ପ୍ରତିପକ୍ଷମାନଙ୍କ ପାଇଁ | : | ଶ୍ରୀଯୁକ୍ତ ଏସ. ପି. ପଣ୍ଡା, ଏ.ଜି.ଏ. |

**ପୀଠାସୀନ: ନ୍ୟାୟମୂର୍ତ୍ତି ବି. ପି. ରାଉତରାୟ**

**<u>ରାୟ</u>**

**7 ଫେବୃଆରୀ, 2024**

***<u>ବି. ପି. ରାଉତରାୟ, ନ୍ୟାୟମୂର୍ତ୍ତି</u>***

1. ଆମ ଓଡ଼ିଶା ନବୀନ ଓଡ଼ିଶା ହସ୍ତକ୍ଷେପ ଅଧୀନରେ ପ୍ରକଳ୍ପଗୁଡ଼ିକୁ ଗ୍ରାମ ପଞ୍ଚାୟତର ସ୍ଥାନୀୟ ନିର୍ବାଚିତ ସଂସ୍ଥା ଦ୍ୱାରା ଚୟନ ଏବଂ କାର୍ଯ୍ୟକାରୀ କରାଯିବା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରି ଅନେକ ଆବେଦନକାରୀ ଆଜ୍ଞାଦେଶ ଆବେଦନର ବର୍ତ୍ତମାନର ସମୂହରେ ଏକାଠି ହୋଇ ଏହା ଦାଖଲ କରିଛନ୍ତି । ସାମୂହିକ ପ୍ରାର୍ଥନା ଥିବା ସମସ୍ତ ରିଟ୍ ଆବେଦନକୁ ଏକାସାଙ୍ଗରେ ଶୁଣାଣି କରାଗଲା ଏବଂ ଏହି ସାମୂହିକ ରାୟ ଦ୍ୱାରା ଏହାକୁ ପରିସମାପ୍ତ କରାଗଲା ।

**2.** ଆବେଦନକାରୀମାନେ ମୁଖ୍ୟତଃ ଓଡିଶା ରାଜ୍ୟର ବିଭିନ୍ନ ଗ୍ରାମ ପଞ୍ଚାୟତଗୁଡ଼ିକର ସରପଞ୍ଚ/ୱାର୍ଡ ସଦସ୍ୟ ଅଟନ୍ତି ।

3. ଦ୍ରୁତ ଅଭିବୃଦ୍ଧି ହାସଲ କରିବା ସହିତ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ ରଖିବା ପାଇଁ ଗ୍ରାମୀଣ ଭିତ୍ତିଭୂମି ବୃଦ୍ଧି କରି ଗ୍ରାମ ପଞ୍ଚାୟତଗୁଡ଼ିକରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଏବଂ ବିକାଶମୂଳକ ପ୍ରକଳ୍ପର କାର୍ଯ୍ୟକାରିତା ଲକ୍ଷ୍ୟ ରଖି ଓଡ଼ିଶା ସରକାରଙ୍କ ଦ୍ୱାରା 11.07.2023 ତାରିଖର ସଂକଳ୍ପ ସଂଖ୍ୟା 14574/PR&DW ମାଧ୍ୟମରେ ହସ୍ତକ୍ଷେପ (ଯୋଜନା) "ଆମ ଓଡ଼ିଶା ନବୀନ ଓଡ଼ିଶା" ପ୍ରବର୍ତ୍ତନ କରାଯାଇଛି । ଏହି ହସ୍ତକ୍ଷେପର ଉଦ୍ଦେଶ୍ୟ ହେଉଛି ଜଗନ୍ନାଥ ସଂସ୍କୃତି ଏବଂ ପୂଜା ସ୍ଥଳର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ସୁବିଧା ସୃଷ୍ଟି କରିବା । ଏହି ଯୋଜନାର ପୁନଃ ଉଦ୍ଦେଶ୍ୟ ହେଉଛି ଗ୍ରାମବାସୀଙ୍କୁ ଇଣ୍ଟରନେଟ ସୁବିଧା, କ୍ରୀଡ଼ା ଭିତ୍ତିଭୂମି, ସ୍ମାର୍ଟ ବିଦ୍ୟାଳୟ, ଏସଏଚଜି ଏବଂ ଯୁବକମାନଙ୍କ ପାଇଁ ତାଲିମ କେନ୍ଦ୍ର ବ୍ୟାଙ୍କିଙ୍ଗ ଏବଂ ଡିଜିଟାଲ୍ ସଂଯୋଗ ସହିତ ସଶକ୍ତ କରିବା । ଏହି ଯୋଜନାର ମୌଳିକ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ନୂତନ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ସାମିଲ ରହିଛି, ଯାହା ସମ୍ପ୍ରଦାୟର ସାମଗ୍ରିକ ବିକାଶ ଏବଂ ସାଧାରଣ ଜନତାଙ୍କ କଲ୍ୟାଣରେ ସହାୟକ ହୋଇଥାଏ, ଅନ୍ୟଥା ଯେଉଁଥିପାଇଁ ପାଣ୍ଠି ଉପଲବ୍ଧ ନଥାଏ । ଯୋଜନାର ଗ୍ରହଣୀୟତା, ପ୍ରକଳ୍ପର ଚୟନ, ଅନୁମୋଦନ କର୍ତ୍ତୃପକ୍ଷ, ମଞ୍ଜୁରି ଏବଂ ପାଣ୍ଠି ପ୍ରଦାନ, କାର୍ଯ୍ୟକାରୀ ସଂସ୍ଥା ଏବଂ ପାରଦର୍ଶିତା ନିମ୍ନରେ ଦିଆଯାଇଛି:

“ ଗ୍ରହଣୀୟତା :-

- ପ୍ରକଳ୍ପଟି ବିକାଶମୂଳକ ପ୍ରକୃତିର ହେବା ଉଚିତ ।
- ଏହା ପୁନରାବୃତ୍ତ ଖର୍ଚ୍ଚକୁ ଆମନ୍ତ୍ରଣ କରେ ନାହିଁ ।
- ଏହା ବ୍ୟାପକ ଭାବେ ସମ୍ପ୍ରଦାୟର ଲାଭ ପାଇଁ ଉପଯୋଗୀ ଗୋଷ୍ଠୀଗତ ସମ୍ପତ୍ତି ସୃଷ୍ଟି କରିଥାଏ ।
- ଏହା ସମ୍ପ୍ରଦାୟର ପ୍ରାଚୀନ ସ୍ମାରକୀ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିର ସଂରକ୍ଷଣ ଏବଂ ନବୀକରଣ କରିଥାଏ ।

ପ୍ରକଳ୍ପର ଚୟନ :-

- ହସ୍ତକ୍ଷେପ ଅଧୀନରେ ଥିବା ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଲୋକ / ଗୋଷ୍ଠୀ ସଂଗଠନ / ଜନ ପ୍ରତିନିଧି ଏବଂ ଅନ୍ୟ ଅଂଶୀଦାରମାନଙ୍କ ଦ୍ୱାରା ପରାମର୍ଶ/ସୁପାରିଶ କରାଯାଇପାରିବ ।
- ବ୍ଲକର ପ୍ରକଳ୍ପ ତାଲିକା (ଜି.ପି. ଅନୁସାରେ) ଜିଲ୍ଲା ସ୍ତରରେ ଏକତ୍ର କରାଯିବ ଏବଂ ଉପଯୁକ୍ତ ଯାଞ୍ଚ ଏବଂ ସରକାରଙ୍କ ଅନୁମୋଦନ ପାଇଁ ଜିଲ୍ଲାର ଜିଲ୍ଲାପାଳ

HIGH COURT ORISSA

ଏବଂ ଜିଲ୍ଲା ପରିଷଦର ଅଧ୍ୟକ୍ଷଙ୍କ ଦସ୍ତଖତ ସହିତ ପିଆର ଏବଂ ଡିଡବ୍ଲୁ ବିଭାଗକୁ ଉପସ୍ଥାପନ କରାଯିବ ।

- ସଦସ୍ୟମାନଙ୍କ ସୂଚନା ପାଇଁ ବିଡିଓଙ୍କ ଦ୍ୱାରା ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ପଞ୍ଚାୟତ ସମିତି ବୈଠକରେ ଉପସ୍ଥାପନ କରାଯାଇପାରିବ ।

**<u>ଅନୁମୋଦନ କର୍ତ୍ତୃପକ୍ଷ :-</u>**

- ଏହି ପ୍ରକଳ୍ପଗୁଡ଼ିକ ସରକାରଙ୍କ ଦ୍ୱାରା ଅନୁମୋଦିତ ହେବ ।
- ପଞ୍ଚାୟତ ସମିତି ଆକାଉଣ୍ଟିଂ ପ୍ରୋସିଜ୍ୟୋର ନିୟମ, 2002 ଅନୁଯାୟୀ ପ୍ରଶାସନିକ ଅନୁମୋଦନ ଏବଂ ବୈଷୟିକ ମଞ୍ଜୁରି ପ୍ରଦାନ କରାଯିବ ଏବଂ ସମୟ ସମୟରେ ଏଥିରେ ପରବର୍ତ୍ତୀ ସଂଶୋଧନ କରାଯିବ ।

**<u>ମଞ୍ଜୁରି ଏବଂ ପାଣ୍ଠି ପ୍ରଦାନ :-</u>**

- ସିଡିଓ - ତଥା – ଇଓ, ଜିଲ୍ଲା ପରିଷଦଙ୍କ ପିଏଲ୍ ଖାତାକୁ ପିଆର୍ ଏବଂ ଡିଡବ୍ଲ୍ୟୁ ବିଭାଗରୁ ପାଣ୍ଠି ପ୍ରଦାନ କରାଯିବ, ଯେଉଁଥିରୁ ସିଡିଓ - ତଥା - ଇଓ, ଜିଲ୍ଲା ପରିଷଦ ଅନୁଦାନ-ସହାୟତା ବିଲରେ ପାଣ୍ଠି ସଂଗ୍ରହ କରିବେ ଏବଂ ଦୁଇଟି କିସ୍ତିରେ, ଅର୍ଥାତ୍ ଏହି ହସ୍ତକ୍ଷେପ ଅଧୀନରେ ବ୍ଲକକୁ ମଞ୍ଜୁର ହୋଇଥିବା ପ୍ରକଳ୍ପ ମୂଲ୍ୟର 52% ଏବଂ 48% ହିସାବ କରି, ବ୍ଲକଗୁଡ଼ିକୁ ପାଣ୍ଠି ପ୍ରଦାନ କରିବେ ।

**<u>କାର୍ଯ୍ୟକାରୀ ସଂସ୍ଥା :-</u>**

- ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି ପଞ୍ଚାୟତ ସମିତି ବିଭାଗୀୟ କାର୍ଯ୍ୟ ସମ୍ପାଦନ କରିବେ ।
- 'ଆମ ଓଡ଼ିଶା ନବୀନ ଓଡ଼ିଶା" ହସ୍ତକ୍ଷେପ ଅଧୀନରେ କାର୍ଯ୍ୟର ବିଭାଗୀୟ କାର୍ଯ୍ୟକାରିତା ପାଇଁ ଅନ୍ୟ କୌଣସି କାର୍ଯ୍ୟକାରୀ ସଂସ୍ଥା/ସଂସ୍ଥାଗୁଡ଼ିକୁ ଚୟନ କରିବାକୁ ଜିଲ୍ଲାପାଳମାନଙ୍କୁ ମଧ୍ୟ କ୍ଷମତା ଦିଆଯାଇଛି ।
- ବିଭାଗୀୟ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ କୌଣସି ସମାନୁପାତିକ ଶୁଳ୍କ ଲାଗୁ ହୁଏ ନାହିଁ ।

**<u>ପାରଦର୍ଶିତା :-</u>**

HIGH COURT ORISSA

- ପିଆର୍ ଏବଂ ଡିଡବ୍ଲ୍ୟୁ ବିଭାଗ ହସ୍ତକ୍ଷେପ ଉପରେ ନଜର ରଖିବା ପାଇଁ ଏକ ୱେବ୍ ଆଧାରିତ ଏମ୍ଆଇଏସ୍ ତିଆରି କରିବ । ଜିଆଇଏସ ଟ୍ୟାଗିଂ ସହିତ ପ୍ରତ୍ୟେକ ପ୍ରକଳ୍ପ ପାଇଁ ପୂର୍ବରୁ, ସେହି ସମୟରେ ଏବଂ ପରେ ଫଟୋ ବାଣ୍ଟିବା ପାଇଁ ଏକ ଉତ୍ସର୍ଗୀକୃତ ଆପ୍ ତିଆରି କରାଯିବ ।
- "ଆମ ଓଡ଼ିଶା ନବୀନ ଓଡ଼ିଶା" ଅଧୀନରେ ପ୍ରତ୍ୟେକ ପ୍ରକଳ୍ପର ଉପଯୁକ୍ତ ପର୍ଯ୍ୟବେକ୍ଷଣ ଏବଂ ତଦାରଖ ପାଇଁ ସାମାଜିକ ସମୀକ୍ଷାକୁ ପ୍ରୋତ୍ସାହିତ କରାଯିବ ।

4. ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ 50,00,000/- ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ଆବଣ୍ଟନ କରିବାକୁ ସଂକଳ୍ପ ନେଇଛନ୍ତି, ଯେଉଁଥିରୁ 10,00,000/- ଟଙ୍କା ପର୍ଯ୍ୟନ୍ତ ଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରାର ପ୍ରଚାର, ସଂରକ୍ଷଣ ଏବଂ ସୁରକ୍ଷା, ପୂଜା ସ୍ଥଳ ଏବଂ ଅଧିକ ଜନସମାଗମ ଥିବା ସ୍ଥାନରେ ତୀର୍ଥଯାତ୍ରୀଙ୍କ ସୁବିଧାର ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯିବ; ଏବଂ ଏହି ପାଣ୍ଠିକୁ ସମ୍ପୃକ୍ତ ଗ୍ରାମ ପଞ୍ଚାୟତରେ ଯୋଜନା ଅନୁଯାୟୀ ଉଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବା ପାଇଁ ବ୍ୟବହାର କରାଯିବ ।

5. ଆବେଦନକାରୀଙ୍କ ଅଭିଯୋଗ ହେଉଛି ଯେ ସେମାନେ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ହେବା ସତ୍ତ୍ୱେ, ପ୍ରକଳ୍ପର କାର୍ଯ୍ୟକାରିତାରେ ସେମାନଙ୍କର ଯୋଜନାରେ ଅଂଶଗ୍ରହଣ ସୀମିତ ହୋଇ ରହିଛି । ଯଦିଓ ଯୋଜନାର ନିର୍ଦ୍ଦେଶାବଳୀର ଉପଯୁକ୍ତ ଅନୁପାଳନ ପାଇଁ ସେମାନଙ୍କ ଦ୍ୱାରା ପ୍ରସ୍ତାବ ଉପସ୍ଥାପନ କରାଯାଇଛି, କିନ୍ତୁ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ବିଷୟରେ ସେମାନଙ୍କୁ ଅନ୍ଧାରରେ ରଖାଯାଇଛି । ଅଧିକନ୍ତୁ, ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା କାର୍ଯ୍ୟ ନିର୍ବାହୀ ବିଭାଗଗୁଡ଼ିକ ଦ୍ୱାରା କରାଯାଉଛି ଏବଂ ଯୋଜନା ଅନୁଯାୟୀ, କାର୍ଯ୍ୟଗୁଡ଼ିକ ପଞ୍ଚାୟତ ସମିତି ଦ୍ୱାରା ବିଭାଗୀୟ ଭାବରେ କରାଯିବ କିମ୍ବା କାର୍ଯ୍ୟର ବିଭାଗୀୟ କାର୍ଯ୍ୟକାରିତା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ଅନ୍ୟାନ୍ୟ ସଂସ୍ଥା ମନୋନୀତ କରାଯିବ ।

6. ଆବେଦନକାରୀମାନେ ଯୁକ୍ତି କରିଛନ୍ତି ଯେ, ଏହି ଯୋଜନାରେ ଏପରି ପ୍ରାବଧାନ ଯାହା ସରକାରୀ ବିଭାଗ କିମ୍ବା ସଂସ୍ଥାମାନଙ୍କୁ ଗ୍ରାମ ପଞ୍ଚାୟତଗୁଡ଼ିକର ସ୍ଥାନୀୟ ନିର୍ବାଚିତ ସଂସ୍ଥାର ସମାବେଶୀ ଅଂଶଗ୍ରହଣ ବିନା ଗ୍ରାମ ପଞ୍ଚାୟତଗୁଡ଼ିକରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ କ୍ଷମତା ପ୍ରଦାନ କରେ, ତାହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 243-ଜି ଏବଂ ଗ୍ରାମ ପଞ୍ଚାୟତ ଅଧିନିୟମ, 1964 (ଏହା ପରେ 'ଓଜିପି ଅଧିନିୟମ' ଭାବରେ ସୂଚିତ) ଏବଂ ସେଥିରେ ପ୍ରସ୍ତୁତ ନିୟମ ଅନୁଯାୟୀ ପରିକଳ୍ପିତ ସ୍ୱାୟତ୍ତଶାସନର ନୀତିଗୁଡ଼ିକର ସ୍ପଷ୍ଟ ଅବମାନନା ଅଟେ । ଏହା ମଧ୍ୟ ଯୁକ୍ତି କରାଯାଇଛି ଯେ ଗ୍ରାମ ପଞ୍ଚାୟତର ସମ୍ପୃକ୍ତିକୁ ବାଦ ଦେଇ ବିଭିନ୍ନ ସରକାରୀ ବିଭାଗ ଏବଂ ଅନ୍ୟାନ୍ୟ ସଂସ୍ଥା ମାଧ୍ୟମରେ ଗ୍ରାମ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ଯୋଜନାରେ ଉଲ୍ଲିଖିତ

କାର୍ଯ୍ୟାନୁଷ୍ଠାନ ଓଜିପି ଅଧିନିୟମ ଏବଂ ନିୟମର ସମ୍ପୂର୍ଣ୍ଣ ଉଦ୍ଦେଶ୍ୟକୁ ପରାସ୍ତ କରିବ, ଯାହା ସୁସ୍ପଷ୍ଟ ଶବ୍ଦରେ ଦର୍ଶାଇଥାଏ ଯେ ପ୍ରତ୍ୟେକ ଗ୍ରାମ ଶାସନ ସମ୍ବନ୍ଧରେ ଗ୍ରାମ ପଞ୍ଚାୟତ କାର୍ଯ୍ୟକାରୀ କର୍ତ୍ତୃପକ୍ଷ ହେବ । ଓଜିପି ଅଧିନିୟମ ଏବଂ ନିୟମରେ ଥିବା ପ୍ରାବଧାନଗୁଡ଼ିକୁ ଦୃଷ୍ଟିରେ ରଖି, ଗ୍ରାମ ପଞ୍ଚାୟତରେ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟ ଗ୍ରାମ ପଞ୍ଚାୟତ ଦ୍ୱାରା ହାତକୁ ନେବା ବାଧ୍ୟତାମୂଳକ ଏବଂ ଅଧିନିୟମର ଧାରା 44 ବାଧ୍ୟତାମୂଳକ କାର୍ଯ୍ୟର ତାଲିକା ସମ୍ବନ୍ଧୀୟ ବିଭିନ୍ନ ପ୍ରାବଧାନ ଗଣନା କରେ ଯାହା ଗ୍ରାମ ପଞ୍ଚାୟତ ଦାୟିତ୍ୱ ନେବେ, ନିୟନ୍ତ୍ରଣ ଏବଂ ପରିଚାଳନା କରିବେ । ରାଜ୍ୟ କର୍ତ୍ତୃପକ୍ଷ ଗ୍ରାମ ସ୍ତରରେ ବିକାଶମୂଳକ କାର୍ଯ୍ୟରୁ ଗ୍ରାମ ପଞ୍ଚାୟତର ଯୋଗଦାନକୁ ଅଲଗା କରି ଏହି ଅଧିନିୟମର ପ୍ରାବଧାନ ଏବଂ ସ୍ଥାନୀୟ ସ୍ୱାୟତ୍ତଶାସନର ନୀତି ଏବଂ ଏହିପରି ଏହାର ଉଲ୍ଲଂଘନ ଆଇନ ଦୃଷ୍ଟିରେ ଏହା ଚଳନକ୍ଷମ ନୁହେଁ ।

7. "ଆମ ଓଡ଼ିଶା ନବୀନ ଓଡ଼ିଶା" ହସ୍ତକ୍ଷେପ ଅଧୀନରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରି ସରକାର କେବେ ମଧ୍ଯ ସ୍ଥାନୀୟ ସ୍ୱାୟତ୍ତଶାସନର ନୀତିକୁ ଉଲ୍ଲଙ୍ଘନ କରିନାହାଁନ୍ତି କିମ୍ବା ଓଜିପି ଅଧିନିୟମ ଏବଂ ନିୟମର ପ୍ରାବଧାନଗୁଡ଼ିକର ପ୍ରତିକୂଳ କାର୍ଯ୍ୟ କରିନାହାଁନ୍ତି ବୋଲି ସେମାନଙ୍କର ସାମୂହିକ ଆଭିମୁଖ୍ୟ ଗ୍ରହଣ କରି ରାଜ୍ୟ ଜବାବ ଦାଖଲ କରିଛି । ଏହା ସତ୍ୟ ଯେ ସରକାର ଗ୍ରାମ ପଞ୍ଚାୟତକୁ କାର୍ଯ୍ୟାନ୍ୱୟନ ଦାୟିତ୍ୱ ପ୍ରଦାନ କରିନାହାଁନ୍ତି, କିନ୍ତୁ ହସ୍ତକ୍ଷେପ ଅଧୀନରେ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟନିର୍ବାହୀ ସଂସ୍ଥା ପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛନ୍ତି । ଅଧିକନ୍ତୁ, ହସ୍ତକ୍ଷେପ ଅଧୀନରେ ପ୍ରଦାନ କରାଯାଇଥିବା ପାଣ୍ଠି ଗ୍ରାମ ପଞ୍ଚାୟତ ରାଜସ୍ୱର ନିଜ ଉତ୍ସରୁ ନୁହେଁ କିମ୍ବା ଏହା ଏକ ଅନୁଦାନ କିମ୍ବା ଋଣ କିମ୍ବା ରାଜସ୍ୱର ନିଜ ଉତ୍ସରୁ ନୁହେଁ ଏବଂ ତେଣୁ, ଅଧିନିୟମର ଧାରା 93 ଅନୁଯାୟୀ ଏହା ଗ୍ରାମ ପଞ୍ଚାୟତ ପାଣ୍ଠି ନୁହେଁ । ତେଣୁ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ସମସ୍ତ ଅଭିଯୋଗ ମିଥ୍ୟା ଏବଂ ଗ୍ରହଣୀୟ ନୁହେଁ ଏବଂ ହସ୍ତକ୍ଷେପ ଅଧୀନରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଓଜିପି ଅଧିନିୟମ ଏବଂ ନିୟମର ପ୍ରାବଧାନଗୁଡ଼ିକର ଉଲ୍ଲଂଘନ କରେ ନାହିଁ । ଆହୁରି, ପ୍ରକଳ୍ପର ପାରଦର୍ଶିତା ଏବଂ ପ୍ରଭାବଶାଳୀ ତଦାରଖ ସୁନିଶ୍ଚିତ କରିବା ପାଇଁ, ଜିଓ ଟ୍ୟାଗିଂ ସହିତ ବାସ୍ତବ ସମୟରେ ତଦାରଖ ପାଇଁ ଏକ ନାଗରିକ କୈନ୍ଦ୍ରିକ ଉତ୍ସର୍ଗୀକୃତ ୱେବ୍-ଆଧାରିତ ଏମ୍ଆଇଏସ୍ ବ୍ୟବସ୍ଥା ଏବଂ ଏକ ମୋବାଇଲ୍ ଆପ୍ ତିଆରି କରାଯାଇଛି ଏବଂ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ବିବରଣୀ ଧାରଣ କରୁଥିବା ଏକ ନାଗରିକ ସୂଚନା ବୋର୍ଡ ସମଗ୍ର ରାଜ୍ୟରେ ପ୍ରତ୍ୟେକ ପ୍ରକଳ୍ପ ସ୍ଥଳୀରେ ସମାନ ଭାବରେ ନିର୍ମାଣ କରାଯାଇଛି ।

8. ପ୍ରତିପକ୍ଷମାନେ ଯୁକ୍ତି ବାଢ଼ିଛନ୍ତି ଯେ, ଏହି ହସ୍ତକ୍ଷେପ ଅଧୀନରେ ପାଣ୍ଠି ଅଧିନିୟମର ଧାରା 44 (1) ଅଧୀନରେ ବ୍ୟାଖ୍ୟା କରାଯାଇଥିବା ଗ୍ରାମ ପଞ୍ଚାୟତ ପାଣ୍ଠି ନୁହେଁ ଏବଂ ବର୍ତ୍ତମାନ ଏହା

କାର୍ଯ୍ୟକାରିତାର ଏକ ଅଗ୍ରୀମ ପର୍ଯ୍ୟାୟରେ ଅଛି ଏବଂ 07.12.2023 ସୁଦ୍ଧା, ସମଗ୍ର ରାଜ୍ୟରେ ହସ୍ତକ୍ଷେପ ଅଧୀନରେ ମୋଟ 90650 ପ୍ରକଳ୍ପ ଅନୁମୋଦିତ ହୋଇସାରିଛି । ଏହି ହସ୍ତକ୍ଷେପ ରାଜ୍ୟ ସରକାରଙ୍କ ଏକ ନୀତିଗତ ନିର୍ଣ୍ଣୟ ଏବଂ ଏହା ଭାରତର ସମ୍ବିଧାନର ପ୍ରାବଧାନ ତଥା ଅଧିନିୟମ ଏବଂ ନିୟମାବଳୀର ଅନୁରୂପ ଅଟେ ।

9. ଆବେଦନକାରୀଙ୍କ ପ୍ରାଥମିକ ଅଭିଯୋଗ ହେଉଛି ଯେ, ଗ୍ରାମ ପଞ୍ଚାୟତଗୁଡ଼ିକର ନିର୍ବାଚିତ ପ୍ରତିନିଧିମାନଙ୍କ ଅଂଶଗ୍ରହଣକୁ ବାଦ ଦେବା କିମ୍ବା ଯୋଜନାରେ ସେମାନଙ୍କର ସୀମିତ ହସ୍ତକ୍ଷେପ ରହିବା, ଭାରତର ସମ୍ବିଧାନ, ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ ଏବଂ ଓଡ଼ିଶା ପଞ୍ଚାୟତ ସମିତି ଅଧିନିୟମ (ଓପିଏସ୍ ଅଧିନିୟମ) ଏବଂ ଏହା ଅଧୀନରେ ତିଆରି ନିୟମଗୁଡ଼ିକର ପ୍ରାବଧାନଗୁଡ଼ିକର ଉଲ୍ଲଂଘନ ଅଟେ । ଏହା ସେମାନଙ୍କର ପରବର୍ତ୍ତୀ ମାମଲା ଯେ ଓଜିପି ଅଧିନିୟମର ବିଭିନ୍ନ ପ୍ରାବଧାନ, ବିଶେଷ କରି ଧାରା 5,6,44 ଏବଂ 45 ଅନୁଯାୟୀ, ଏହି ହସ୍ତକ୍ଷେପ ଅଧୀନରେ ପ୍ରକଳ୍ପଗୁଡ଼ିକର ଚୟନ ଏବଂ କାର୍ଯ୍ୟକାରିତା ଗ୍ରାମ ପଞ୍ଚାୟତଗୁଡ଼ିକ ଦ୍ୱାରା କରାଯିବା ଉଚିତ ଥିଲା । ଏହି ପରିପ୍ରେକ୍ଷୀରେ, ଭାରତର ସମ୍ବିଧାନର ପ୍ରଥମ ଅନୁଚ୍ଛେଦ 243ଜି ନିମ୍ନରେ ପୁନଃସୃଷ୍ଟି କରାଯାଇଛି ;

**"243-ଜି. ପଞ୍ଚାୟତଗୁଡ଼ିକର କ୍ଷମତା, ପ୍ରାଧିକରଣ ଏବଂ ଦାୟିତ୍ୱ । -**

ଏହି ସମ୍ବିଧାନର ପ୍ରାବଧାନଗୁଡ଼ିକର ଅଧିନସ୍ଥ, କୌଣସି ରାଜ୍ୟର ବିଧାନମଣ୍ଡଳ, ଆଇନ ଦ୍ୱାରା, ପଞ୍ଚାୟତଗୁଡ଼ିକୁ ଏପରି କ୍ଷମତା ଏବଂ କର୍ତ୍ତୃତ୍ୱ ପ୍ରଦାନ କରିପାରେ ଏବଂ ସେମାନଙ୍କୁ ସ୍ୱାୟତ୍ତଶାସନର ସଂସ୍ଥା ଭାବେ କାର୍ଯ୍ୟ କରିବା ପାଇଁ ସକ୍ଷମ କରିବା ଆବଶ୍ୟକ ହୋଇପାରେ ଏବଂ ଉପଯୁକ୍ତ ସ୍ତରରେ, ଏପରି ଆଇନରେ, ସେହି ସମ୍ବନ୍ଧ ରେ ନିର୍ଦ୍ଧାରିତ ସର୍ତ୍ତାବଳୀର ଅଧୀନରେ ପଞ୍ଚାୟତଗୁଡ଼ିକୁ କ୍ଷମତା ଏବଂ ଦାୟିତ୍ୱ ହସ୍ତାନ୍ତର କରିବା ଲାଗି ପ୍ରାବଧାନ ରହିଥାଇପାରେ, ଯଥା –

(a) ଆର୍ଥିକ ବିକାଶ ଏବଂ ସାମାଜିକ ନ୍ୟାୟ ପାଇଁ ଯୋଜନା ପ୍ରସ୍ତୁତ କରିବା;

(b) ଏକାଦଶ ଅନୁସୂଚୀରେ ତାଲିକାଭୁକ୍ତ ବିଷୟଗୁଡ଼ିକ ସମେତ ଆର୍ଥିକ ବିକାଶ ଏବଂ ସାମାଜିକ ନ୍ୟାୟ ପାଇଁ ସେମାନଙ୍କୁ ନ୍ୟସ୍ତ କରାଯାଇଥିବା ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ।"

10. ନିଃସନ୍ଦେହରେ, ଅନୁଚ୍ଛେଦ 243-ଜି ହେଉଛି ଏକ ସମର୍ଥନକାରୀ ପ୍ରାବଧାନ ଯାହା ରାଜ୍ୟ ବିଧାନମଣ୍ଡଳକୁ ଆଇନ ପ୍ରଣୟନ କରିବାକୁ ସଶକ୍ତ କରିଥାଏ ଯାହା ପଞ୍ଚାୟତକୁ ଏପରି କ୍ଷମତା ଏବଂ କର୍ତ୍ତୃତ୍ୱ ନ୍ୟସ୍ତ କରିଥାଏ ଯାହା ସେମାନଙ୍କୁ ସ୍ୱାୟତ୍ତ ଶାସନର ଅନୁଷ୍ଠାନ ଭାବରେ କାର୍ଯ୍ୟ କରିବାକୁ ସକ୍ଷମ

କରିବା ପାଇଁ ଆବଶ୍ୟକ ହୋଇପାରେ । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ***ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟ ଜଣେ ବନାମ ଜିଲ୍ଲା ପରିଷଦ, ଗାଜିଆବାଦ ଏବଂ ଅନ୍ୟ ଜଣେ, (2013) 11 SCC 783***, ମାମଲାରେ, ଯେଉଁଠାରେ ସରକାର ଦ୍ୱାରା ପଞ୍ଚାୟତରୁ ନାଗରିକ ଯୋଗାଣ ବ୍ୟବସ୍ଥାର କ୍ଷମତା ପ୍ରତ୍ୟାହାର କରିବା ପ୍ରସଙ୍ଗ ଥିଲା, ଯାହା ନିମ୍ନମତେ ଅନୁଷ୍ଠିତ ହୋଇଛନ୍ତି :-

"XXX XXX XXX

**23.** ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ସାମ୍ବିଧାନିକ ପ୍ରାବଧାନର ପ୍ରକୃତିକୁ ବିଚାର କରିଛନ୍ତି ଏବଂ ନିମ୍ନମତେ ଅନୁଷ୍ଠିତ ହୋଇଛି : ( *ଜିଲ୍ଲା ପଞ୍ଚାୟତ ମାମଲା ବନାମ ୟୁ. ପି. ରାଜ୍ୟ, (2003)* 5 AWC 3978 , AWC ପିପି. 3981-82, ଅନୁଚ୍ଛେଦ 16 )

"16. ଆମ ମତରେ, ଏହି ପ୍ରାବଧାନ କେବଳ ଏକ ସମର୍ଥନକାରୀ ପ୍ରାବଧାନ ଅଟେ । ଏହା ରାଜ୍ୟର ବିଧାନମଣ୍ଡଳକୁ ପଞ୍ଚାୟତଗୁଡ଼ିକରେ କେତେକ ନିର୍ଦ୍ଦିଷ୍ଟ କ୍ଷମତା ନ୍ୟସ୍ତ କରିବାରେ ସକ୍ଷମ କରିଥାଏ ।... ତେଣୁ, କୌଣସି ରାଜ୍ୟର ବିଧାନମଣ୍ଡଳ ଅନୁଚ୍ଛେଦ 243-ଜି ରେ ଉଲ୍ଲେଖିତ କ୍ଷମତାଗୁଡ଼ିକୁ ପଞ୍ଚାୟତ ଉପରେ ନ୍ୟସ୍ତ କରିବାକୁ ବାଧ୍ୟ ନୁହେଁ, ଏବଂ ଏହା କରିବା କିମ୍ବା ନ କରିବା ଏହା ନିଜର ବିବେଚନାର ବିଷୟ ଅଟେ । କୌଣସି ପରିସ୍ଥିତିରେ ସମ୍ବିଧାନର ଅନୁଚ୍ଛେଦ 243-ଜିରେ ନାଗରିକ ବଣ୍ଟନ ବ୍ୟବସ୍ଥା ବିଷୟରେ କୌଣସି ଉଲ୍ଲେଖ ନାହିଁ ।

ତେଣୁ, ଏହା ସ୍ପଷ୍ଟ ଯେ ଉଚ୍ଚ ନ୍ୟାୟାଳୟ ମତ ଦେଇଛନ୍ତି ଯେ ଅନୁଚ୍ଛେଦ 243-ଜି ର ପ୍ରାବଧାନ କେବଳ ଏକ ସମର୍ଥନକାରୀ ପ୍ରାବଧାନ, ଏବଂ ଏହା ଆଇନ ପ୍ରଣୟନର ଉତ୍ସ ନୁହେଁ । ଏହି ମତ *ୟୁ.ପି. ଗ୍ରାମ ପଞ୍ଚାୟତ ଅଧିକାରୀ ସଂଘ ବନାମ ଦୟା ରାମ ସରୋଜ* (2007) 2 SCC 138 : (2007) 1 SCC (L&S) 773ରେ ଏହି ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ଆଇନର ଅନୁରୂପ ବୋଲି ମନେହୁଏ ଯେଉଁଥିରେ, ଏକ ପର୍ଯ୍ୟବେକ୍ଷଣ କରାଯାଇଛି ଯେ ଅନୁଚ୍ଛେଦ 243-ଜି ଏକ ସମର୍ଥନକାରୀ ପ୍ରାବଧାନ ଯେହେତୁ ଏହା ପଞ୍ଚାୟତଗୁଡ଼ିକୁ ସ୍ୱାୟତ୍ତଶାସନର ଅନୁଷ୍ଠାନ ଭାବରେ କାର୍ଯ୍ୟ କରିବାକୁ ସକ୍ଷମ କରିଥାଏ । ଆହୁରି, ଏହି ନ୍ୟାୟାଳୟ ଉଲ୍ଲେଖ କରିଛନ୍ତି ଯେ ଏକାଦଶ ଅନୁସୂଚୀରେ ତାଲିକାଭୁକ୍ତ ବିଷୟଗୁଡ଼ିକ ସମେତ ଆର୍ଥିକ ବିକାଶ ଏବଂ ସାମାଜିକ ନ୍ୟାୟ ପାଇଁ ସେମାନଙ୍କୁ ନ୍ୟସ୍ତ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ, ସେଥିରେ

> ନିର୍ଦ୍ଦିଷ୍ଟ ହୋଇଥିବା ସର୍ତ୍ତାବଳୀର ଅଧିନସ୍ଥ ହୋଇ, ଏପରି ଆଇନରେ ପଞ୍ଚାୟତ ଉପରେ କ୍ଷମତା ଏବଂ ଦାୟିତ୍ୱ ହସ୍ତାନ୍ତର ପାଇଁ ପ୍ରାବଧାନ ଥାଇପାରେ । ସମର୍ଥନକାରୀ ପ୍ରାବଧାନ ଆହୁରି ନିର୍ଦ୍ଧାରିତ ସର୍ତ୍ତାବଳୀ ଉପରେ ଅଧିନସ୍ଥ । ତେଣୁ, ସର୍ତ୍ତାବଳୀ ଉପରେ ବିଚାର କରିବା ଏବଂ ସେହି ଅନୁଯାୟୀ ଆଇନ ପ୍ରଣୟନ କରିବା ରାଜ୍ୟ ବିଧାନମଣ୍ଡଳର ଦାୟିତ୍ୱ । ଏହାକୁ ଅପସାରଣ କିମ୍ବା ଏଥିରେ ସଂଶୋଧନ କରିବା ପାଇଁ ମଧ୍ୟ ରାଜ୍ୟ ସରକାରଙ୍କ ପାଇଁ ଉନ୍ମୁକ୍ତ ରହିଛି ।
>
> **24.** ତେଣୁ, ଏହା ସ୍ପଷ୍ଟ ଯେ ଏକାଦଶ ଅନୁସୂଚୀ ସହିତ ପଠନ ଅନୁଚ୍ଛେଦ 243-ଜି ବୈଧାନିକ କ୍ଷମତାର ଏକ ଉତ୍ସ ନୁହେଁ, ଏବଂ ଏହା କେବଳ ଏକ ସମର୍ଥନକାରୀ ପ୍ରାବଧାନ ଯାହା ଏକ ରାଜ୍ୟକୁ କାର୍ଯ୍ୟ ନ୍ୟସ୍ତ କରିବାକୁ ଏବଂ ପ୍ରାସଙ୍ଗିକ ଆଇନ ପ୍ରଣୟନ କରି ସ୍ଥାନୀୟ ସଂସ୍ଥାଗୁଡ଼ିକୁ କ୍ଷମତା ଏବଂ ଦାୟିତ୍ୱ ହସ୍ତାନ୍ତର କରିବାକୁ ଅଧିକାର ପ୍ରଦାନ କରେ । ସ୍ଥାନୀୟ ସଂସ୍ଥାଗୁଡ଼ିକ କେବଳ ରାଜ୍ୟ ଦ୍ୱାରା ସେମାନଙ୍କୁ ନ୍ୟସ୍ତ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିପାରିବେ ।

11. ତେଣୁ ଉପରୋକ୍ତ ନିର୍ଣ୍ଣୟରୁ ଏବଂ ଅନୁଚ୍ଛେଦ 243-ବି, 243-ଡି, 243-ଜି ଏବଂ ଏକାଦଶ ଅନୁସୂଚୀର ଏକ ବିସ୍ତୃତ ପଠନରୁ ଏହା ସ୍ପଷ୍ଟ ହୋଇଛି ଯେ, ଏହିପରି ପ୍ରାବଧାନ କେବଳ ରାଜ୍ୟ ବିଧାନମଣ୍ଡଳକୁ ପଞ୍ଚାୟତ ବ୍ୟବସ୍ଥାର ତିନୋଟି ସ୍ତରର ସମ୍ବନ୍ଧରେ କ୍ଷମତା ଏବଂ କାର୍ଯ୍ୟ ପ୍ରଦାନ କରିବାକୁ ସଶକ୍ତ କରିଥାଏ । ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ, 1964, ଓଡ଼ିଶା ପଞ୍ଚାୟତ ସମିତି ଅଧିନିୟମ, 1959 ଏବଂ ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମ, 1991କୁ ଏଭଳି କ୍ଷମତା ପ୍ରୟୋଗ କରି ଓଡ଼ିଶା ରାଜ୍ୟ ବିଧାନମଣ୍ଡଳ ପ୍ରଣୟନ କରିଛି । ଏହା ସତ୍ୟ ଯେ ଏକାଦଶ ଅନୁସୂଚୀର ବିଷୟବସ୍ତୁ ସଂଖ୍ୟା 17,20 ଏବଂ 29 ରେ ଥିବା ଏଣ୍ଟ୍ରିଗୁଡ଼ିକ ଶିକ୍ଷାର ବିଷୟ (ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ସମେତ), ପାଠାଗାର ଏବଂ ପଞ୍ଚାୟତ ସମ୍ବନ୍ଧରେ ଗୋଷ୍ଠୀଗତ ସମ୍ପତ୍ତିର ରକ୍ଷଣାବେକ୍ଷଣକୁ କ୍ଷମତା ପ୍ରୟୋଗ କରିବାକୁ ସେମାନଙ୍କର ଅଧିକାର ପ୍ରଦାନ କରିଛନ୍ତି । କିନ୍ତୁ, ସେଗୁଡ଼ିକ କେବଳ ସମର୍ଥନକାରୀ ପ୍ରାବଧାନ ଅଟେ ଏବଂ ବୈଧାନିକ କ୍ଷମତାର ଉତ୍ସ ନୁହେଁ । ତେଣୁ ଏହି ଯୋଜନାର ପ୍ରାବଧାନ ଭାରତର ସମ୍ବିଧାନର ଅନୁଚ୍ଛେଦ 243-ଜିକୁ ଉଲ୍ଲଙ୍ଘନ କରୁଛି ବୋଲି ଅଭିଯୋଗ କରିବା ଭୁଲ ହେବ ।

12. ଏହା ପରେ, ଓ.ଜି.ପି. ଅଧିନିୟମର ଧାରା 5 ଏବଂ 6ରେ ଗ୍ରାମ ସଭା ଏବଂ ପଲ୍ଲୀ ସଭା ଏବଂ ସେଗୁଡ଼ିକର କାର୍ଯ୍ୟ ବିଷୟରେ କୁହାଯାଇଛି । ଧାରା 44 ଏବଂ 45 ଯଥାକ୍ରମେ ଗ୍ରାମ ପଞ୍ଚାୟତଗୁଡ଼ିକର ବାଧ୍ୟତାମୂଳକ ଏବଂ ସ୍ୱେଚ୍ଛାକୃତ କାର୍ଯ୍ୟ ବିଷୟରେ କହିଥାଏ । ଓଜିପି ଅଧିନିୟମର ଷଷ୍ଠ ଅଧ୍ୟାୟରେ

ଧାରା 44 ରୁ 70 ରହିଛି ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସରକାରଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତକୁ କର୍ତ୍ତବ୍ୟ ହସ୍ତାନ୍ତର କରିବାକୁ ଧାରା 46 ନିର୍ଦ୍ଦେଶ ଦେଇଛି । ଧାରା 44,45 ଏବଂ 46 ର ଉଦ୍ଧୃତାଂଶ ନିମ୍ନରେ ପୁନଃ ଉତ୍ପନ୍ନ ହୋଇଛି :

> **"44. ବାଧ୍ୟତାମୂଳକ କାର୍ଯ୍ୟ** - (1) ଏହି ଅଧିନିୟମ ଏବଂ ଏହା ଅଧୀନରେ ପ୍ରସ୍ତୁତ ନିୟମାବଳୀର ପ୍ରାବଧାନଗୁଡ଼ିକର ଅଧିନସ୍ଥ, ଏକ ଗ୍ରାମ ପଞ୍ଚାୟତ ଏହାର ପାଣ୍ଠିର ସୀମା ମଧ୍ୟରେ ଗ୍ରାମ ସମ୍ବନ୍ଧରେ ନିମ୍ନଲିଖିତ ବିଷୟଗୁଡ଼ିକୁ ହାତକୁ ନେବା, ନିୟନ୍ତ୍ରଣ କରିବା ଏବଂ ପରିଚାଳନା କରିବା ଏବଂ ଉତ୍ତରଦାୟୀ ହେବା ଏହାର କର୍ତ୍ତବ୍ୟ ହେବ, ଯଥା :
>
> (a) ସର୍ବସାଧାରଣ ରାସ୍ତାର ନିର୍ମାଣ, ମରାମତି, ରକ୍ଷଣାବେକ୍ଷଣ, ପରିବର୍ତ୍ତନ ଏବଂ ଉନ୍ନତି;
>
> XXX XXX XXX
>
> (k) ଗ୍ରାମ ପଞ୍ଚାୟତର ପରିଚାଳନାରେ ନ୍ୟସ୍ତ କିମ୍ବା ଦାୟିତ୍ୱ ପ୍ରଦତ୍ତ ସମସ୍ତ ସମ୍ପତ୍ତିର ସୁରକ୍ଷା, ରକ୍ଷଣାବେକ୍ଷଣ ଏବଂ ବିକାଶ;
>
> XXX XXX XXX
>
> (q) ପ୍ରାଥମିକ ଶିକ୍ଷା ପାଇଁ ବିଦ୍ୟାଳୟର ପ୍ରତିଷ୍ଠା ଏବଂ ରକ୍ଷଣାବେକ୍ଷଣ ପ୍ରସଙ୍ଗରେ ସମିତିକୁ ସମସ୍ତ ଯୁକ୍ତିଯୁକ୍ତ ସହାୟତା ପ୍ରଦାନ କରିବା;
>
> XXX XXX XXX
>
> (u) କୃଷି ସମ୍ପ୍ରସାରଣ, ସମେତ କୃଷି କ୍ଷେତ୍ରରେ ଆର୍ଥିକ ବିକାଶ ଏବଂ ସାମାଜିକ ନ୍ୟାୟ ପାଇଁ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ;
>
> (v) ଏହି ଅଧିନିୟମ କିମ୍ବା ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଦ୍ୱାରା କିମ୍ବା ଏହି ଅଧୀନରେ ଲାଗୁ କରାଯାଇଥିବା ଅନ୍ୟ କୌଣସି ଦାୟିତ୍ୱର ପରିପୂରଣ;
>
> XXX XXX XXX
>
> (z-4) ଗୋଷ୍ଠୀଗତ ସମ୍ପତ୍ତିର ରକ୍ଷଣାବେକ୍ଷଣ ।
>
> XXX XXX XXX

HIGH COURT ORISSA

(2) ଅନ୍ୟ କୌଣସି ଆଇନରେ ଯାହା କିଛି ଥିବା ସତ୍ତ୍ୱେ, ଅନୁସୂଚିତ ଅଞ୍ଚଳରେ, ଗ୍ରାମ ଶାସନର ନିୟନ୍ତ୍ରଣ ଏବଂ ତତ୍ତ୍ୱାବଧାନର ଅଧିନସ୍ଥ, ଗ୍ରାମ ପଞ୍ଚାୟତ ଏହାର ସ୍ଥାନୀୟ ସୀମା ମଧ୍ୟରେ, ଏପରି କ୍ଷମତା ଏବଂ ଏପରି ରୀତିରେ କାର୍ଯ୍ୟ ସମ୍ପାଦନ କରିବ ଏବଂ ନିମ୍ନଲିଖିତ ବିଷୟଗୁଡ଼ିକ ସମ୍ବନ୍ଧରେ ନିର୍ଦ୍ଧାରିତ ଯେତେଦୂର ପର୍ଯ୍ୟନ୍ତ କରିବ, ଯଥା :

(a) କୌଣସି ନିଶାଦ୍ରବ୍ୟର ବିକ୍ରୟ ଏବଂ ବ୍ୟବହାର ଉପରେ ନିଷେଧ କିମ୍ବା ନିୟନ୍ତ୍ରଣ କିମ୍ବା ପ୍ରତିବନ୍ଧକ ଲାଗୁ କରିବା;

(b) କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟର ମାଲିକାନା;

(c) କୌଣସି ଅନୁସୂଚିତ ଜନଜାତିର ଜମି ହସ୍ତାନ୍ତରକୁ ରୋକିବା ଏବଂ ବେଆଇନ ଭାବେ ବିଚ୍ଛିନ୍ନ ହୋଇଥିବା ଜମିର ପୁନରୁଦ୍ଧାର ଏବଂ;

(d) ଅନୁସୂଚିତ ଜନଜାତିକୁ ଅର୍ଥ ଋଣ ଦେବା ଉପରେ ନିୟନ୍ତ୍ରଣ ।

(3) ଏହି ଅଧିନିୟମର ପ୍ରାବଧାନ ଏବଂ ଏହା ଅଧୀନରେ ପ୍ରସ୍ତୁତ ହୋଇଥିବା ନିୟମାବଳୀର ଅଧିନସ୍ଥ, ଏହାର ପାଣ୍ଠିର ମାତ୍ରାରେ ସୀମିତ ରହି ମଧ୍ୟରେ, ଏହା ଏକ ଗ୍ରାମ ପଞ୍ଚାୟତ ପାଇଁ କର୍ତ୍ତବ୍ୟ ହେବ -

(a) ଆର୍ଥିକ ବିକାଶ ଏବଂ ସାମାଜିକ ନ୍ୟାୟ ପାଇଁ ଯୋଜନା ପ୍ରସ୍ତୁତ କରିବା; ଏବଂ

(b) ଆର୍ଥିକ ବିକାଶ ଏବଂ ସାମାଜିକ ନ୍ୟାୟ ପାଇଁ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ଅନ୍ୟ କୌଣସି ଯୋଜନାକୁ କାର୍ଯ୍ୟକାରୀ କରିବା, କୌଣସି ସଂସ୍ଥା କିମ୍ବା ସଙ୍ଗଠନର କୌଣସି ଅଧିନିୟମ କିମ୍ବା ପରିଚାଳନାକୁ କାର୍ଯ୍ୟକାରୀ କରିବା, ଯାହା ଏକ ଆଦେଶ ଦ୍ୱାରା, ଭାରତୀୟ ସମ୍ବିଧାନର ଏକାଦଶ ଅନୁସୂଚୀରେ ତାଲିକାଭୁକ୍ତ ବିଷୟଗୁଡ଼ିକ ସହିତ, ଆଦେଶରେ ନିର୍ଦ୍ଦିଷ୍ଟ ହୋଇଥିବା ନିୟମ ନିବନ୍ଧନ ଓ ସର୍ତ୍ତାବଳୀର ଅଧିନସ୍ଥ, ସରକାର ହସ୍ତାନ୍ତର କରିପାରିବେ ।

**45. ସ୍ୱେଚ୍ଛାକୃତ କାର୍ଯ୍ୟ** - ଯଦି ଗ୍ରାମ ପଞ୍ଚାୟତର ସଂଖ୍ୟାଗରିଷ୍ଠ ସଦସ୍ୟମାନେ, ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ ସହିତ ଏକ ସଂକଳ୍ପ ଦ୍ୱାରା ଏକ ନିଷ୍ପତ୍ତି ନେଇଥାନ୍ତି ଏବଂ ଯଦି ରାଜ୍ୟ ସରକାର ଏପରି ନିର୍ଦ୍ଦେଶ ଦିଅନ୍ତି, ତେବେ ଗ୍ରାମ ମଧ୍ୟରେ ନିୟନ୍ତ୍ରଣ ଏବଂ ପ୍ରଶାସନର

କାର୍ଯ୍ୟକାରିତା ଗ୍ରହଣ କରିବେ ଏବଂ ନିମ୍ନଲିଖିତ ବିଷୟଗୁଡ଼ିକ ପାଇଁ ଉତ୍ତରଦାୟୀ ହେବେ, ଯଥା:

(a) ସର୍ବସାଧାରଣ ରାସ୍ତାର ପାର୍ଶ୍ୱରେ କିମ୍ବା ସେଥିରେ ନିହିତ ଅନ୍ୟ ସାର୍ବଜନୀନ ସ୍ଥାନରେ ବୃକ୍ଷ ରୋପଣ ଏବଂ ଯତ୍ନ ନେବା;

XXX XXX XXX

(h) ପାଠାଗାର ଏବଂ ପଢ଼ା ଘରର ପ୍ରତିଷ୍ଠା ଏବଂ ରକ୍ଷଣାବେକ୍ଷଣ ଏବଂ ସର୍ବସାଧାରଣ ସ୍ଥାନରେ ସଙ୍ଗୀତ ଏବଂ ଅନ୍ୟାନ୍ୟ ମନୋରଞ୍ଜନର ବ୍ୟବସ୍ଥା କରିବା;

XXX XXX XXX

(k) କ୍ରୀଡା, ଖେଳ ଏବଂ ଅନ୍ୟାନ୍ୟ ମନୋରଞ୍ଜନ ପାଇଁ ସ୍ଥାନଗୁଡିକର ଏବଂ ଆଖଡ଼ା ଏବଂ କ୍ଲବଗୁଡ଼ିକର ପ୍ରତିଷ୍ଠା ଏବଂ ରକ୍ଷଣାବେକ୍ଷଣ;

XXX XXX XXX

(x) ଗ୍ରାମ ପାଣ୍ଠି ଉପରେ ରାଜ୍ୟ ସରକାର ଯେଉଁ ବ୍ୟୟକୁ ଉପଯୁକ୍ତ ବ୍ୟୟ ବୋଲି ଘୋଷଣା କରିଛନ୍ତି, ତାହା କରିବା; ଏବଂ

(y) ଏଠାରେ ପୂର୍ବରୁ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇନଥିବା କୌଣସି ପଦକ୍ଷେପ ଯାହା ଜନସାଧାରଣଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ, ସୁବିଧା କିମ୍ବା ସାଧାରଣ କଲ୍ୟାଣକୁ ପ୍ରୋତ୍ସାହିତ କରିବାର ସମ୍ଭାବନା ରହିଛି ।

**46. କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତକୁ କର୍ତ୍ତବ୍ୟ ଅର୍ପଣ** -ଏହି ଅଧ୍ୟାୟରେ ଥିବା କୌଣସି ବିଷୟ, ଯାହା ଅନ୍ୟ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ କୌଣସି ବିଭାଗର ପ୍ରତ୍ୟକ୍ଷ ପ୍ରଶାସନିକ ନିୟନ୍ତ୍ରଣରେ ଅଛି, ତାହା ଗ୍ରାମ ପଞ୍ଚାୟତ ଉପରେ କୌଣସି କର୍ତ୍ତବ୍ୟ କିମ୍ବା କୌଣସି କ୍ଷମତା ପ୍ରଦାନ କରିବା ବୋଲି ବିବେଚନା କରାଯିବ ନାହିଁ, ଯେ ପର୍ଯ୍ୟନ୍ତ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଆଦେଶ ଦ୍ୱାରା ଗ୍ରାମ ପଞ୍ଚାୟତକୁ ଏପରି କର୍ତ୍ତବ୍ୟ କିମ୍ବା କ୍ଷମତା ହସ୍ତାନ୍ତର କିମ୍ବା ଭାରନ୍ୟସ୍ତ କରାଯାଇ ନାହିଁ ।

13. ଧାରା 44 ରେ ସୂଚିତ ଗ୍ରାମ ପଞ୍ଚାୟତର ପାଣ୍ଠି ଉକ୍ତ ଓଜିପି ଅଧିନିୟମର ଧାରା 93 ଅଧୀନରେ ବ୍ୟାଖ୍ୟା କରାଯାଇଛି । ଧାରା 93 ଗ୍ରାମ ପାଣ୍ଠି ନିର୍ଦ୍ଧାରଣ କରାଯାଇଛି । ଏହା କେତେ ପରିମାଣର ଅର୍ଥକୁ ଗ୍ରାମ ପାଣ୍ଠି ଭାବେ ବିବେଚନା କରାଯିବ ସେ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥାଏ ।

14. ସରକାର କିମ୍ବା ସମିତି ଦ୍ୱାରା ଅନୁଷ୍ଠାନର ପ୍ରତିଷ୍ଠା କିମ୍ବା ରକ୍ଷଣାବେକ୍ଷଣ ପାଇଁ ଗ୍ରାମ ଶାସନକୁ ଦିଆଯାଇଥିବା ସମସ୍ତ ଅର୍ଥ ଏବଂ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର କିମ୍ବା ସାଧାରଣ ଆଦେଶ ଦ୍ୱାରା ଗ୍ରାମ ପାଣ୍ଠିକୁ ଦିଆଯାଇଥିବା ଅନ୍ୟ ସମସ୍ତ ଅର୍ଥ ସରକାରୀ ରାଜସ୍ୱ କିମ୍ବା ଅନ୍ୟଥାରୁ ଗ୍ରାମ ପାଣ୍ଠିରେ ଅନ୍ତର୍ଭୁକ୍ତ । କିନ୍ତୁ ଧାରା 93 ଅଧୀନରେ ନିର୍ଦ୍ଧାରିତ ରାଶିଗୁଡ଼ିକ ରାଜ୍ୟ ଦ୍ୱାରା ପ୍ରସ୍ତୁତ କୌଣସି ସ୍ୱତନ୍ତ୍ର ଯୋଜନାର କାର୍ଯ୍ୟକାରିତା ପାଇଁ ଖର୍ଚ୍ଚ ପାଇଁ ସିଧାସଳଖ ରାଜ୍ୟ ସରକାରଙ୍କ ଦ୍ୱାରା ଉପଲବ୍ଧ ପାଣ୍ଠିକୁ ଅନ୍ତର୍ଭୁକ୍ତ କରିବା ବିଷୟରେ ଉଲ୍ଲେଖ କରେ ନାହିଁ । ଧାରା 93 ନିମ୍ନରେ ଦିଆଗଲା :

> **"93. ଗ୍ରାମ ପାଣ୍ଠି** - (1) ପ୍ରତ୍ୟେକ ଗ୍ରାମ ଶାସନ ପାଇଁ ଏକ ଗ୍ରାମ ପାଣ୍ଠି ଗଠନ କରାଯିବ ଏବଂ ଉକ୍ତ ପାଣ୍ଠିରେ ଅର୍ଥ ଜମା ପାଇଁ -
>
> (a) ଏହି ଅଧିନିୟମର ପ୍ରାବଧାନ ଅଧୀନରେ ଲାଗୁ କରାଯାଇଥିବା କୌଣସି ଟିକସ, ଟୋଲ, ଶୁଳ୍କ କିମ୍ବା ହାରର ସମସ୍ତ ପ୍ରାପ୍ତ ଅର୍ଥ;
>
> (b) ଏହି ଅଧିନିୟମ ଅଧୀନରେ ସ୍ଥାପିତ କାର୍ଯ୍ୟାନୁଷ୍ଠାନରେ କିମ୍ବା ଅନ୍ୟ କୌଣସି ଅଧିନିୟମ କିମ୍ବା ନିୟମ ଅଧୀନରେ ଗ୍ରାମ ଶାସନର ଅଧିକାରିତା ଅଧୀନରେ କରାଯାଇଥିବା ଅପରାଧ ସମ୍ବନ୍ଧରେ ଏହି ଅଧିନିୟମ ଅଧୀନରେ ଲାଗୁ ଏବଂ ଆଦାୟ କରାଯାଇଥିବା ସମସ୍ତ ଜୋରିମାନା, ଯେଉଁଥିରେ ଏହିପରି ଜୋରିମାନାକୁ ଗ୍ରାମ ପାଣ୍ଠିରେ ଜମା କରିବା ପାଇଁ ବ୍ୟବସ୍ଥା କରାଯାଇଛି ।
>
> (c) ନ୍ୟାୟାଳୟ ଦ୍ୱାରା ନିର୍ଦ୍ଦେଶିତ ସମସ୍ତ ଅର୍ଥରାଶି ଗ୍ରାମ ପାଣ୍ଠିରେ ଜମା କରାଯିବ;
>
> (d) ଗ୍ରାମ ଶାସନ ଦ୍ୱାରା କିମ୍ବା ତାଙ୍କ ତରଫରୁ ସମ୍ପତ୍ତିର ବିକ୍ରୟର ସମସ୍ତ ପ୍ରାପ୍ତ ଅର୍ଥ;
>
> (e) କୌଣସି ସମ୍ପତ୍ତି କିମ୍ବା ସଂସ୍ଥା କିମ୍ବା ଉଦ୍ୟୋଗ କିମ୍ବା କାର୍ଯ୍ୟରୁ ଉପାର୍ଜିତ ସମସ୍ତ ଆୟ ଯାହା ଗ୍ରାମ ଶାସନର ନିର୍ଦ୍ଦେଶ, ପରିଚାଳନା ଏବଂ ନିୟନ୍ତ୍ରଣରେ କିମ୍ବା ଅଧୀନରେ ରହିଛି;

HIGH COURT ORISSA
ସତ୍ୟମେବ ଜୟତେ

(f) ଦଣ୍ଡ, କ୍ଷତିପୂରଣ କିମ୍ବା ଅଧିନିୟମର ପ୍ରାବଧାନ କିମ୍ବା ଏହା ଅଧୀନରେ ପ୍ରସ୍ତୁତ ନିୟମ ଅନୁଯାୟୀ ଚକ୍ରବୃଦ୍ଧି ଅପରାଧ ପାଇଁ ପ୍ରାପ୍ତ ସମସ୍ତ ଅର୍ଥ;

(g) ଗ୍ରାମ ପଞ୍ଚାୟତ କିମ୍ବା ସରକାର କିମ୍ବା କୌଣସି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ତରଫରୁ ନିଆଯାଇଥିବା କୌଣସି ଯୋଜନାରୁ ସମସ୍ତ ପ୍ରାପ୍ତ ଅର୍ଥ;

(h) ଅନୁଷ୍ଠାନଗୁଡ଼ିକର ପ୍ରତିଷ୍ଠା କିମ୍ବା ରକ୍ଷଣାବେକ୍ଷଣ ପାଇଁ ସରକାର କିମ୍ବା ସମିତିଗୁଡ଼ିକ ଦ୍ୱାରା ଗ୍ରାମ ଶାସନକୁ ଦିଆଯାଇଥିବା ସମସ୍ତ ଅର୍ଥ;

(i) ଖଜଣା କିମ୍ବା ସରକାରୀ ସମ୍ପତ୍ତିର ଅନ୍ୟ ପ୍ରାପ୍ତ ଅର୍ଥର ଏପରି ଅଂଶ, ଯାହା ରାଜ୍ୟ ସରକାର ଗ୍ରାମ ପାଣ୍ଠିରେ ଜମା କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି;

(j) ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର କିମ୍ବା ସାଧାରଣ ଆଦେଶ ଦ୍ୱାରା ସରକାରୀ ରାଜସ୍ୱରୁ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଗ୍ରାମ ପାଣ୍ଠିକୁ ଆବଣ୍ଟିତ ଅନ୍ୟ ସମସ୍ତ ରାଶି;

(k) ଗ୍ରାମ ଶାସନ ଦ୍ୱାରା କିମ୍ବା ତାଙ୍କ ତରଫରୁ କୌଣସି ଉତ୍ସରୁ ଋଣ, ଉପହାର କିମ୍ବା ଯୋଗଦାନ କିମ୍ବା ଅନ୍ୟାନ୍ୟ ଅନୁଦାନ ମାଧ୍ୟମରେ ପ୍ରାପ୍ତ ସମସ୍ତ ରାଶି;

(l) ଓଡ଼ିଶା ସେସ୍ ଅଧିନିୟମ, 1962 (ଓଡ଼ିଶା ଅଧିନିୟମ 11 / 1962) ଅଧୀନରେ ସେସ୍ ପ୍ରାପ୍ତ ପ୍ରାପ୍ତ ସମସ୍ତ ରାଶି;

(m) ଗ୍ରାମ ଶାସନ ଅନ୍ତର୍ଗତ କୌଣସି ଅର୍ଥର କୌଣସି ନିବେଶ କିମ୍ବା କୌଣସି କାରବାରରୁ ଉପୁଜିଥିବା ସମସ୍ତ ସୁଧ ଏବଂ ଲାଭ;

(n) ଏହି ଅଧିନିୟମ ପ୍ରାରମ୍ଭ ସମୟରେ, ଯଦି କୌଣସି ବଳକା ଅର୍ଥ ରହିଛି, ତାହା ଗ୍ରାମ ପାଣ୍ଠିରେ ଜମା କରାଯିବ ।

(2) ଏହି ଧାରାରେ କିମ୍ବା ଏହି ଅଧିନିୟମରେ ଥିବା କୌଣସି ବିଷୟ ଏକ ଗ୍ରାମ ଶାସନ ଉପରେ ଆଇନଗତ ଭାବେ ଲାଗୁ କରାଯାଇଥିବା କିମ୍ବା ଏହା ଦ୍ୱାରା ସ୍ୱୀକୃତ ନ୍ୟାସରୁ ଉତ୍ପନ୍ନ ନୈତିକ ଦାୟିତ୍ୱକୁ ପ୍ରଭାବିତ କରିବ ନାହିଁ ।

ଧାରା 93 କୁ ଖାଲି ପଢ଼ିବା ଦ୍ୱାରା ଏହା ବୁଝିହେବ ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଏକ ସ୍ୱତନ୍ତ୍ର ଯୋଜନା ଅଧୀନରେ ରଖାଯାଇଥିବା ଅର୍ଥ ଗ୍ରାମ ପାଣ୍ଠିର ଅଂଶ ହେବ ନାହିଁ, ଯେ ପର୍ଯ୍ୟନ୍ତ ଏହା ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର କିମ୍ବା ସାଧାରଣ ଆଦେଶ ଦ୍ୱାରା ଗ୍ରାମ ପାଣ୍ଠିକୁ ଆବଣ୍ଟନ କରାଯାଇ ନାହିଁ । ହସ୍ତକ୍ଷେପରେ ଦିଆଯାଇଥିବା ବର୍ଣ୍ଣନା ଅନୁଯାୟୀ, ଗ୍ରାମ ପାଣ୍ଠିକୁ ସେଥିରେ ଉଲ୍ଲିଖିତ ପାଣ୍ଠି ଆବଣ୍ଟିତ

HIGH COURT ORISSA सत्यमेव जयते

କରାଯାଇ ନାହିଁ ଏବଂ ଧାରା 46 ଅନୁଯାୟୀ, ଧାରା 44 ଏବଂ 45, ଅର୍ଥାତ୍ ଗ୍ରାମ ପଞ୍ଚାୟତର ବାଧ୍ୟତାମୂଳକ ଏବଂ ସ୍ୱେଚ୍ଛାକୃତ କାର୍ଯ୍ୟରେ ଉଲ୍ଲିଖିତ କୌଣସି ଗ୍ରାମ ପଞ୍ଚାୟତକୁ ରାଜ୍ୟ ସରକାରଙ୍କ ଆଦେଶ ଦ୍ୱାରା ଏପରି କୌଣସି କ୍ଷମତା ହସ୍ତାନ୍ତର କିମ୍ବା ଅର୍ପଣ ନକରି କୌଣସି କ୍ଷମତା ପ୍ରଦାନ କରେ ନାହିଁ । ଏଠାରେ ଏହା ଉଲ୍ଲେଖ କରିବା ପ୍ରାସଙ୍ଗିକ ଯେ ଗ୍ରାମ ପଞ୍ଚାୟତର କାର୍ଯ୍ୟଗୁଡ଼ିକ ଅଧ୍ୟାୟ-6ରେ, ବିଶେଷ କରି ଓଜିପି ଅଧିନିୟମର ଧାରା 44 ଏବଂ 45ରେ ଉଲ୍ଲିଖିତ କାର୍ଯ୍ୟଗୁଡ଼ିକ ଅଧୀନରେ ରହିଛି । ଅନ୍ୟ ଶବ୍ଦରେ, ରାଜ୍ୟ ସରକାରଙ୍କ ନିୟନ୍ତ୍ରଣର ଅଧୀନରେ ଥିବା କୌଣସି ପ୍ରସଙ୍ଗରେ ଗ୍ରାମ ପଞ୍ଚାୟତକୁ କୌଣସି କର୍ତ୍ତବ୍ୟ କିମ୍ବା କ୍ଷମତା ଆଦେଶ କରାଯାଇଥିବା ବିବେଚନା କରାଯାଏ ନାହିଁ, ଯେ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଆଦେଶ ଦ୍ୱାରା ଏପରି କର୍ତ୍ତବ୍ୟ କିମ୍ବା କ୍ଷମତା ସେମାନଙ୍କୁ ହସ୍ତାନ୍ତର କରାଯାଇ ନାହିଁ । ବର୍ତ୍ତମାନର ଆକ୍ଷେପିତ ଯୋଜନାରେ, ପ୍ରକଳ୍ପ ଅନୁମୋଦନ କର୍ତ୍ତୃପକ୍ଷ ହେଉଛନ୍ତି ରାଜ୍ୟ ସରକାର ଏବଂ ପାଣ୍ଠି ରାଜ୍ୟ ସରକାରଙ୍କ ଅଟେ । ଏହି ଯୋଜନା ଅନୁଯାୟୀ, ଓଡ଼ିଶା ସରକାରଙ୍କ ପି ଆର୍ ଏବଂ ଡିଡବ୍ଲ୍ୟୁ ବିଭାଗରୁ ସିଡିଓ ତଥା ଇଓ, ଜିଲ୍ଲା ପରିଷଦର ପି ଏଲ୍ ଖାତାରେ ପାଣ୍ଠି ବିନିଯୋଗ କରାଯିବ ଏବଂ ପ୍ରକଳ୍ପଗୁଡ଼ିକ ସରକାରଙ୍କ ଦ୍ୱାରା ଅନୁମୋଦିତ ହେବ । ଯେଉଁ ପର୍ଯ୍ୟନ୍ତ କାର୍ଯ୍ୟକାରିତାର ପ୍ରସଙ୍ଗ ରହିଛି, ପଞ୍ଚାୟତ ସମିତି ବିଭାଗୀୟ ଭାବେ କାର୍ଯ୍ୟ ସମ୍ପାଦନ କରିବ ଏବଂ ବିଭାଗୀୟ କାର୍ଯ୍ୟକାରିତାମୂଳକ କାର୍ଯ୍ୟ ପାଇଁ ଅନ୍ୟ କୌଣସି କାର୍ଯ୍ୟକାରୀ ସଂସ୍ଥା ଚୟନ କରିବା ଲାଗି ଜିଲ୍ଲାପାଳମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି । ତେଣୁ, ହସ୍ତକ୍ଷେପରେ ଏପରି କିଛି ଦେଖିବାକୁ ମିଳିନାହିଁ ଯାହା ଓଜିପି ଅଧିନିୟମର ପ୍ରାବଧାନଗୁଡ଼ିକୁ ଉଲ୍ଲଙ୍ଘନ କରୁଛି ।

15. ଓପିଏସ୍ ଅଧିନିୟମର ପ୍ରାବଧାନଗୁଡ଼ିକର ଉଲ୍ଲଙ୍ଘନ ସଂକ୍ରାନ୍ତର ଉପସ୍ଥାପନ ସମ୍ପର୍କରେ, ଆବେଦନକାରୀମାନେ ଯୁକ୍ତି ବାଢ଼ିଛନ୍ତି ଯେ ଏହି ଯୋଜନା ଅନ୍ତର୍ଗତ ପାଣ୍ଠି ପଞ୍ଚାୟତ ସମିତି ନିକଟରେ ରଖାଯିବା କାରଣରୁ ଏହା ଓପିଏସ୍ ଅଧିନିୟମର ଧାରା 28ରେ ନିର୍ଦ୍ଧାରିତ ପଞ୍ଚାୟତ ସମିତି ପାଣ୍ଠିର ପରିସରଭୁକ୍ତ ଏବଂ ସେଥିପାଇଁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା କେବଳ ପଞ୍ଚାୟତ ସମିତିଗୁଡ଼ିକ ଦ୍ୱାରା କରାଯିବା ଉଚିତ ।

**16.** ଓ. ପି. ଏସ୍. ଅଧିନିୟମର ଧାରା 28 ନିମ୍ନରେ ଦିଆଗଲା :-

> **"28. ପଞ୍ଚାୟତ ସମିତି ପାଣ୍ଠି** - (1) ଏକ ସମିତି ଦ୍ୱାରା ପ୍ରାପ୍ତ ସମସ୍ତ ଅର୍ଥ 'ପଞ୍ଚାୟତ ସମିତି ପାଣ୍ଠି' ନାମକ ଏକ ପାଣ୍ଠି ଗଠନ କରିବ । ଏହି ପାଣ୍ଠି ସମିତିରେ ନିହିତ ହେବ ଏବଂ ଏହି ଅଧିନିୟମରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଏବଂ ନିର୍ଦ୍ଧାରିତ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ଏବଂ ଏହିପରି ପଦ୍ଧତିରେ ପ୍ରୟୋଗ କରାଯିବ ।

(2) ସରକାରଙ୍କ ନିୟନ୍ତ୍ରଣରେ ରହି, ବ୍ଲକ୍ ଉନ୍ନୟନ ଅଧିକାରୀ, ପଞ୍ଚାୟତ ସମିତି ପାଣ୍ଠିର ଦାୟିତ୍ୱରେ ରହିବେ ଏବଂ ସମିତିର ନିର୍ଣ୍ଣୟ ଅନୁଯାୟୀ ନିର୍ଦ୍ଧାରିତ ନିୟମ ଅଧିନସ୍ଥ ଏହାକୁ ପରିଚାଳନା କରିବେ ।

(3) ସମିତି ଦ୍ୱାରା ପ୍ରାପ୍ତ ସମସ୍ତ ଅର୍ଥ ନିକଟତମ ସରକାରୀ କୋଷାଗାରରେ କିମ୍ବା ସରକାରଙ୍କ ମଞ୍ଜୁରି କ୍ରମେ ସେମାନଙ୍କ ଦ୍ୱାରା ଅନୁମୋଦିତ କୌଣସି ବ୍ୟାଙ୍କରେ ଜମା କରାଯିବ ।"

ଆହୁରି, ଧାରା 29 ସମିତିର ଆୟ ଏବଂ ବ୍ୟୟ ବିଷୟରେ ଦର୍ଶାଏ, ଯାହା ନିମ୍ନରେ ଦିଆଗଲା :-

**"29. ସମିତିର ଆୟ ଏବଂ ବ୍ୟୟ -** (1) ପଞ୍ଚାୟତ ସମିତିର ଆୟର ଉତ୍ସଗୁଡ଼ିକ ନିମ୍ନଲିଖିତ ବିଷୟକୁ ନେଇ ଗଠିତ ହେବ –

i. ସରକାର କିମ୍ବା ପଞ୍ଚାୟତ ସମିତିର ସରକାରଙ୍କ ବିଭାଗର ମୁଖ୍ୟମାନଙ୍କ ଦ୍ୱାରା ହସ୍ତାନ୍ତରିତ ସଂସ୍ଥା ଏବଂ ଯୋଜନା ସମ୍ବନ୍ଧୀୟ ପାଣ୍ଠି;
ii. ଗୋଷ୍ଠୀଗତ ବିକାଶ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ପାଣ୍ଠି;
iii. କୁଟୀର ଏବଂ ଗ୍ରାମୀଣ ଶିଳ୍ପ, ଖଦି, ରେଶମ, ନଡ଼ିଆକତା ହସ୍ତଶିଳ୍ପ ଇତ୍ୟାଦି ବିକାଶ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସହାୟତା ଏବଂ ସର୍ବଭାରତୀୟ ସଂସ୍ଥା ଏବଂ ଅନୁଷ୍ଠାନମାନଙ୍କ ଠାରୁ ପ୍ରାପ୍ତ ସହାୟତା;
iv. ସମିତି ଦ୍ୱାରା ପଞ୍ଚାୟତ କିମ୍ବା ଜନସାଧାରଣଙ୍କ ଠାରୁ କୌଣସି ରୂପରେ ପ୍ରାପ୍ତ ଦାନ ଏବଂ ଯୋଗଦାନ;
v. ନିର୍ଦ୍ଧାରିତ ହୋଇଥିବା ଭୂମି ରାଜସ୍ୱ, ରାଜ୍ୟ ଟିକସ କିମ୍ବା ଶୁଳ୍କର ଏପରି ଅଂଶ;
vi. ଟିକସ, ଅତିରିକ୍ତ ଶୁଳ୍କ କିମ୍ବା ଶୁଳ୍କରୁ ପ୍ରାପ୍ତ ଅର୍ଥ ଯାହା ଏହି ଅଧିନିୟମ କିମ୍ବା ଅନ୍ୟ କୌଣସି ଆଇନ ଅଧୀନରେ ଆଦାୟ କରିବାକୁ ସମିତି କ୍ଷମତାପ୍ରାପ୍ତ;
vii. ଗ୍ରାମ ପଞ୍ଚାୟତଗୁଡ଼ିକରୁ ସମିତି ଯେଉଁ ଅନୁଦାନ ଆଦାୟ କରିବ;
viii. ସମିତି ଦ୍ୱାରା ପରିଚାଳିତ ବୃତ୍ତିଦାନ, ନ୍ୟାସ କିମ୍ବା ଅନ୍ୟାନ୍ୟ ଅନୁଷ୍ଠାନରୁ ଆୟ;
ix. କୌଣସି କର୍ତ୍ତୃପକ୍ଷ, ସଙ୍ଗଠନ କିମ୍ବା ବୈଧାନିକ ସଂସ୍ଥାରୁ ଅନୁଦାନ ।

(2) ସମିତିର ଖର୍ଚ୍ଚ ମଧ୍ୟରେ ଏହାର କର୍ମଚାରୀଙ୍କ ଦରମା ଏବଂ ଭତ୍ତା, ସମିତିର ବୈଠକରେ ଯୋଗଦେବା ପାଇଁ ସମିତିର ସଦସ୍ୟମାନଙ୍କ ଦ୍ୱାରା ହୋଇଥିବା ଯାତ୍ରା ଖର୍ଚ୍ଚ, ଏହି ଅଧିନିୟମର ଉଦ୍ଦେଶ୍ୟ ପୂରଣ ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଖର୍ଚ୍ଚର କୌଣସି ବିଷୟବସ୍ତୁ

HIGH COURT
सत्यमेव जयते
ORISSA

ଏବଂ ଏହିପରି ଉଦ୍ଦେଶ୍ୟରେ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ଖର୍ଚ୍ଚ ଅନ୍ତର୍ଭୁକ୍ତ ହେବ ।

(3) ସମିତି ଦ୍ୱାରା ଶୁଳ୍କ ପାଇଁ ଆଦାୟ ଏବଂ ସଂଗୃହୀତ କରାଯାଉଥିବା ସମସ୍ତ ଅର୍ଥକୁ ପୃଥକ ଭାବେ ହିସାବ କରାଯିବ ଏବଂ କେବଳ ସେହି ଉଦ୍ଦେଶ୍ୟରେ ବ୍ୟବହାର କରାଯିବ, ଯେଉଁ ଉଦ୍ଦେଶ୍ୟରେ ଯଥାକ୍ରମେ ଏହି ଶୁଳ୍କ ଆଦାୟ କରାଯାଇଥିଲା ।

17. ବର୍ତ୍ତମାନର ଯୋଜନାରେ, ଓଡ଼ିଶା ସରକାରଙ୍କ ପିଆର ଏବଂ ଡିଡବ୍ଲ୍ୟୁ ବିଭାଗରୁ ସିଡିଓ-ତଥା-ଇଓ, ଜିଲ୍ଲା ପରିଷଦର ପିଏଲ୍ ଖାତାକୁ ପାଣ୍ଠି ଯୋଗାଇ ଦିଆଯାଇଥିଲା ଏବଂ ଏହା ପରେ, ବ୍ଲକଗୁଡ଼ିକୁ ଦିଆ ଯାଇଥିଲା । ତେଣୁ ଏହି ପାଣ୍ଠି ବ୍ଲକଗୁଡ଼ିକୁ ଯିବ ଏବଂ ଏହା ବ୍ଲକଗୁଡ଼ିକ ପାଇଁ ଉଦ୍ଦିଷ୍ଟ । ଏହା ହେଉଛି ବ୍ଲକଗୁଡ଼ିକ ପାଇଁ ସରକାରଙ୍କ ଦ୍ୱାରା ଦିଆ ଯାଇଥିବା ପାଣ୍ଠି । ଅନ୍ୟ ଅର୍ଥରେ, ଏହି ପାଣ୍ଠି ପଞ୍ଚାୟତ ସମିତି ଜରିଆରେ ବ୍ଲକଗୁଡ଼ିକୁ ଯିବ ଏବଂ ତେଣୁ ଏହାକୁ କଠୋର ଭାବରେ ଅର୍ଥ ଲଗାଯାଇପାରିବ ଯେହେତୁ ଓପିଏସ୍ ଅଧିନିୟମର ଧାରା 28 ଅଧୀନରେ ପଞ୍ଚାୟତ ସମିତିର ପାଣ୍ଠି ଏବଂ ଯୋଜନା ଅଧୀନରେ ପଞ୍ଚାୟତ ସମିତିଗୁଡ଼ିକର ସୀମିତ କ୍ଷମତା ଏବଂ କାର୍ଯ୍ୟ ରହିଛି । ଓପିଏସ୍ ଅଧିନିୟମର ଧାରା 28 ଅନୁଯାୟୀ ପଞ୍ଚାୟତ ସମିତି ପାଣ୍ଠି ଧାରା 29 (1) ଅଧୀନରେ ପ୍ରଦାନ କରାଯାଇଥିବା ଆୟ ଉତ୍ସରୁ ଗଠିତ ହୋଇଥାଏ । ଏଠାରେ ଉଲ୍ଲେଖ କରିବାର ଆବଶ୍ୟକତା ରହିଛି ଯେ ଓପିଏସ୍ ଅଧିନିୟମର ଧାରା 15 ଅଧୀନରେ ବ୍ଲକକୁ ପରିଭାଷିତ କରାଯାଇଛି ଏବଂ ଧାରା 16 ଅଧୀନରେ ପଞ୍ଚାୟତ ସମିତିକୁ ପରିଭାଷିତ କରାଯାଇଛି । ଉକ୍ତ ପ୍ରାବଧାନ ଅନୁଯାୟୀ, ପ୍ରତ୍ୟେକ ଜିଲ୍ଲାକୁ ବହୁତ ସଂଖ୍ୟକ ସ୍ଥାନୀୟ ଅଞ୍ଚଳରେ ବିଭକ୍ତ କରାଯିବ ଯାହା ବ୍ଲକ ଭାବରେ କୁହାଯିବ ଏବଂ ଏହିପରି ପ୍ରତ୍ୟେକ ବ୍ଲକରେ ଏକ ସମିତି ରହିବ । ତେଣୁ, ଏହା କହିବା ଭୁଲ ହେବ ଯେ ହସ୍ତକ୍ଷେପ ଅଧୀନରେ ସରକାରଙ୍କ ଠାରୁ ମିଳିଥିବା ପାଣ୍ଠି ପଞ୍ଚାୟତ ସମିତିର ପାଣ୍ଠି ଗଠନ କରିବ ଏବଂ ଏହିପରି ଓପିଏସ୍ ଅଧିନିୟମ ଅଧୀନରେ ପ୍ରଦାନ କରାଯାଇଥିବା ପଞ୍ଚାୟତ ସମିତିର କ୍ଷମତା, କାର୍ଯ୍ୟ ଏବଂ କର୍ତ୍ତବ୍ୟ ହସ୍ତକ୍ଷେପ ଅଧୀନରେ ଦିଆଯାଇଥିବା ପାଣ୍ଠି ସମ୍ବନ୍ଧରେ କାର୍ଯ୍ୟକାରୀ ହେବ ନାହିଁ ।

18. ଏହି ଯୋଜନା ଅଧୀନରେ ଦିଆଯାଇଥିବା ପ୍ରାବଧାନ ଅନୁଯାୟୀ, ପଞ୍ଚାୟତ ସମିତି ନିର୍ଦ୍ଧାରିତ ପ୍ରକ୍ରିୟାକୁ ଅନୁସରଣ କରି ବିଭାଗୀୟ କାର୍ଯ୍ୟ ସମ୍ପାଦନ କରିବ ଏବଂ କାର୍ଯ୍ୟର ବିଭାଗୀୟ କାର୍ଯ୍ୟକାରିତା ପାଇଁ ଅନ୍ୟ କୌଣସି କାର୍ଯ୍ୟକାରୀ ସଂସ୍ଥା ଚୟନ କରିବାକୁ ଜିଲ୍ଲାପାଳମାନଙ୍କୁ କ୍ଷମତା

ଦିଆଯାଇଛି । ଯୋଜନାର ଏହି ଅଂଶଟି ମୁଖ୍ୟତଃ ଆବେଦନକାରୀଙ୍କ ଦ୍ୱାରା ବିରୋଧ କରାଯାଇଛି ଏବଂ ସେମାନଙ୍କ ଯୁକ୍ତି ଅନୁଯାୟୀ, ପଞ୍ଚାୟତଗୁଡ଼ିକର ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନଙ୍କୁ କାର୍ଯ୍ୟ ସମ୍ପାଦନରେ ସାମିଲ କରାଯିବା ଉଚିତ । ଯେପରି ଉପରେ ଦର୍ଶାଯାଇଛି, ଯେହେତୁ ଏହି ପାଣ୍ଠି ପଞ୍ଚାୟତ ସମିତିର ପାଣ୍ଠି ନୁହେଁ, ତେଣୁ ଅଧିକାରବଶତଃ ନିର୍ବାଚିତ ସଦସ୍ୟମାନେ ଏହି ଯୋଜନା ଅଧୀନରେ କାର୍ଯ୍ୟ ସମ୍ପାଦନରେ ସେମାନଙ୍କର ଅଂଶଗ୍ରହଣ ଦାବି କରିପାରିବେ ନାହିଁ । ଏହା ବ୍ୟତୀତ ଓପିଏସ୍ ଅଧିନିୟମର ଧାରା 20 (1) ଅନୁଯାୟୀ, ସରକାର ସମୟ ସମୟରେ ଆଦେଶ ଦ୍ୱାରା ନିର୍ଦ୍ଦିଷ୍ଟ କରୁଥିବା ନିବନ୍ଧନ ଓ ସର୍ତ୍ତାବଳୀ ଅଧୀନସ୍ଥ ଏକ ସମିତି ଉନ୍ନୟନ କାର୍ଯ୍ୟକ୍ରମର ଯୋଜନା, କାର୍ଯ୍ୟକାରିତା ଏବଂ ତଦାରଖ ସମ୍ବନ୍ଧୀୟ କ୍ଷମତା ପ୍ରୟୋଗ ଏବଂ କାର୍ଯ୍ୟ ସମ୍ପାଦନ କରିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଯୋଜନା ଅନ୍ତର୍ଗତ ସମସ୍ତ ପ୍ରକଳ୍ପ ହେଉଛି ବିକାଶମୂଳକ କାର୍ଯ୍ୟକ୍ରମ ଅଟେ । ଆହୁରି, ପଞ୍ଚାୟତ ସମିତି ହିସାବରକ୍ଷଣ ପ୍ରକ୍ରିୟା ନିୟମ, 2002 ର ନିୟମ 75 ରେ ପ୍ରାବଧାନ ରହିଛି ଯେ କାର୍ଯ୍ୟର ସମ୍ପାଦନତା ସମ୍ପର୍କରେ, ଯେତେବେଳେ ନିର୍ଦ୍ଦିଷ୍ଟ କାର୍ଯ୍ୟର କାର୍ଯ୍ୟକାରିତା ପାଇଁ ସରକାର କିମ୍ବା ସରକାରଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କଠାରୁ ପାଣ୍ଠି ଗ୍ରହଣ କରାଯାଏ, ପଞ୍ଚାୟତ ସମିତି ସରକାର କିମ୍ବା କର୍ତ୍ତୃପକ୍ଷଙ୍କ ଦ୍ୱାରା ଲାଗୁ ହୋଇଥିବା ନିବନ୍ଧନ ଓ ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିବ । ତେଣୁ, ଓପିଏସ୍ ଅଧିନିୟମର ଧାରା 20 ଏବଂ 2002 ନିୟମର ନିୟମ 75ର ପ୍ରୟୋଗ ଦ୍ୱାରା, ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଏବଂ ଚୟନ ସମ୍ବନ୍ଧରେ ପଞ୍ଚାୟତ ସମିତି ଉପରେ ସର୍ତ୍ତ ଲାଗୁ କରିବାର କ୍ଷମତା ରାଜ୍ୟ ସରକାରଙ୍କ ପାଖରେ ରହିଛି । ତେଣୁ, ଏହି ଯୋଜନା ଅଧୀନରେ କାର୍ଯ୍ୟ ସମ୍ପାଦନ ଉପରେ ପ୍ରତିବନ୍ଧକ ଲଗାଇବା ସରକାରଙ୍କ ପକ୍ଷରେ ବେଆଇନ ନୁହେଁ । ତେଣୁ ଆବେଦନକାରୀଙ୍କ କାର୍ଯ୍ୟ ସମ୍ପାଦନରେ ସେମାନଙ୍କର ସମ୍ପୃକ୍ତତା ଏବଂ ଅଂଶଗ୍ରହଣ ଦାବି କରିବାର କୌଣସି ଅଧିକାର ନାହିଁ ।

19. ସବୁକିଛି ବ୍ୟତୀତ, ଆକ୍ଷେପିତ ଯୋଜନାରେ ରାଜ୍ୟର ନୀତିଗତ ନିର୍ଣ୍ଣୟ ଅନ୍ତର୍ଭୁକ୍ତ ଏବଂ ଏହିପରି ପ୍ରସଙ୍ଗରେ ନ୍ୟାୟିକ ହସ୍ତକ୍ଷେପ ସମ୍ବନ୍ଧରେ ଆଇନ ଭଲ ଭାବରେ ସ୍ଥିର ହୋଇଛି । ***ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ ବନାମ ଭଗବାନ ଏବଂ ଅନ୍ୟମାନେ, ( 2022) 4 SCC 193***ରେ, ଏହା ଦର୍ଶାଯାଇଛି ଯେ;

> "28. ଆଇନର ସ୍ଥିରୀକୃତ ପ୍ରସ୍ତାବ ଅନୁଯାୟୀ, ନ୍ୟାୟାଳୟ ନୀତିଗତ ନିର୍ଣ୍ଣୟ ସହିତ ହସ୍ତକ୍ଷେପ କରିବା ଠାରୁ ଦୂରେଇ ରହିବା ଉଚିତ୍, ଯାହାର ଏକ ବ୍ୟାପକ ପ୍ରଭାବ

HIGH COURT OF ORISSA सत्यमेव जयते

ଏବଂ ଆର୍ଥିକ ପ୍ରଭାବ ଥାଇପାରେ ।

ସେହିଭଳି, ***ସେଣ୍ଟର ଫର ପବ୍ଲିକ୍ ଇଣ୍ଟେରେଷ୍ଟ ଲିଟିଗେସନ୍ ବନାମ ଭାରତୀୟ ସଂଘ , (2016) 6 SCC 408*** ମାମଲାରେ ଏହା ଦର୍ଶାଯାଇଛି ଯେ :

> "22. ଏକ ସରକାରୀ ନୀତିର ନ୍ୟାୟିକ ସମୀକ୍ଷା ଅଭ୍ୟାସରେ ନ୍ୟାୟାଳୟମାନଙ୍କ ଦ୍ଵାରା ସର୍ବନିମ୍ନ ହସ୍ତକ୍ଷେପ ଆହ୍ବାନ କରାଯାଏ, ଯେତେବେଳେ ଉକ୍ତ ନୀତିଟି କ୍ଷେତ୍ରର ବୈଷୟିକ ବିଶେଷଜ୍ଞମାନଙ୍କ ଆଲୋଚନାର ଫଳାଫଳ ଅଟେ, ଯେହେତୁ ନ୍ୟାୟାଳୟ ଏପରି କ୍ଷେତ୍ରକୁ ବୁଝିବା ପାଇଁ ଭଲ ଭାବରେ ଯୋଗ୍ୟ ନୁହଁନ୍ତି ଯାହା କାର୍ଯ୍ୟକାରିତାର ବିଚାରସମ୍ମତ କାର୍ଯ୍ୟ ଉପରେ ଛାଡି ଦିଆଯାଇଛି ।

20. ଏହି ବର୍ତ୍ତମାନର ମାମଲାରେ, ସରକାର ଗ୍ରାମୀଣ ସ୍ତରରେ ଲୋକମାନଙ୍କ ବିକାଶ ଏବଂ ଉନ୍ନତି ପାଇଁ ଏଭଳି ଉଦ୍ଦେଶ୍ୟ ସହିତ ଏହି ଯୋଜନା ଆରମ୍ଭ କରିଛନ୍ତି । ଉପରୋକ୍ତ ଆଲୋଚନା ଅନୁଯାୟୀ, ଯେଉଁ ଯୋଜନା ସମ୍ବିଧାନର ପ୍ରାବଧାନ ତଥା ଓଜିପି ଅଧିନିୟମ ଏବଂ ଏହା ଅଧୀନରେ ପ୍ରସ୍ତୁତ ହୋଇଥିବା ନିୟମାବଳୀ ସହିତ ଅନୁରୂପ ଅଟେ, ତେଣୁ ସେଥିରେ ହସ୍ତକ୍ଷେପ ପାଇଁ ବହୁତ କମ୍ ସୁଯୋଗ ରହିଛି । ତଦନୁସାରେ, ସମଗ୍ର ଯୋଜନା ଏବଂ ପ୍ରକଳ୍ପର ଚୟନ, ମଞ୍ଜୁରି ଏବଂ ପାଣ୍ଠି ପ୍ରଦାନ ଏବଂ କାର୍ଯ୍ୟର କାର୍ଯ୍ୟକାରିତା ସମ୍ବନ୍ଧୀୟ ଏହାର ପ୍ରାବଧାନଗୁଡ଼ିକର ଯତ୍ନ ସହକାରେ ବିଚାର କରିବା ପରେ, ଏହି ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରିବାକୁ ମନା କରନ୍ତି । ସେହି ସମୟରେ, ଆବେଦନକାରୀମାନେ ସ୍ଥାନୀୟ ଗ୍ରାମ ପଞ୍ଚାୟତଗୁଡ଼ିକର ନିର୍ବାଚିତ ପ୍ରତିନିଧି ହୋଇଥିବାରୁ, ରାଜ୍ୟ ସରକାର ହସ୍ତକ୍ଷେପରେ ସେମାନଙ୍କର ଅଧିକ ଅନ୍ତର୍ଭୁକ୍ତତା ଏବଂ ଅଂଶଗ୍ରହଣ ଉପରେ ବିଚାର କରିପାରିବେ, ଯାହା ଶେଷରେ ସ୍ଥାନୀୟ ସ୍ତରରେ ବିକାଶ ପାଇଁ ଉଦ୍ଦିଷ୍ଟ ହେବ ।

21. ତଦନୁସାରେ, ସମସ୍ତ ଆଜ୍ଞାଦେଶ ଆବେଦନକୁ ପରିସମାପ୍ତ କରାଗଲା ।

***( ବି. ପି. ରାଉତରାୟ )***
***ନ୍ୟାୟମୂର୍ତ୍ତି***

*ସି. ଆର. ବିଶ୍ଵାଳ/ବି. କେ. ବାରିକ*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ବୟାନଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ** - ସିଦ୍ଧାର୍ଥ ସୋରେନ, ଏଏସ୍‌ଓ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ

HIGH COURT
सत्यमेव जयते
ORISSA